# ୭ ଏମ୍‌ପି ଶପଥ ନେଇନାହାନ୍ତି

**ନୂଆଦିଲ୍ଲୀ, ୨୬।୬**

ଅଷ୍ଟାଦଶ ଲୋକ ସଭାର ନବନିର୍ବାଚିତ ସଦସ୍ୟଙ୍କୁ ସୋମବାର ଓ ମଙ୍ଗଳବାର ପ୍ରୋଟେମ ସ୍ପିକର ଭର୍ତ୍ତୃହରି ମହତାବ ଏମ୍‌ପି ଭାବେ ଶପଥ ପାଠ କରାଇଥିଲେ। ତେବେ ଏବେ ମଧ୍ୟ ୭ ଜଣ ନବନିର୍ବାଚିତ ଏମ୍‌ପି ଲୋକ ସଭାରେ ଶପଥ ଗ୍ରହଣ କରିନାହାନ୍ତି। ଥିରୁଭାନନ୍ତପୁରମରୁ ବରିଷ୍ଠ କଂଗ୍ରେସ ଏମ୍‌ପି ଶଶୀ ଥରୁର, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଶତ୍ରୁଘ୍ନ ସିହ୍ନା, ଦୀପକ ଅଧିକାରୀ, ନୁରୁଲ ଇସ୍‌ଲାମ, ସମାଜବାଦୀ ପାର୍ଟି(ଏସ୍‌ପି) ଏମ୍‌ପି ଅଫଜଲ ଅନସାରୀ ଓ ସ୍ୱାଧୀନ ଏମ୍‌ପି ଶେଖ ଅବଦୁଲ ରଶିଦ ଓ ଅମ୍ରିତପାଲ ସିଂ ବର୍ତ୍ତମାନ ସୁଦ୍ଧା ଶପଥ ନେଇନାହାନ୍ତି। ଉତ୍ତର ପ୍ରଦେଶର ବାହୁବଳୀ ନେତା ମୁଖତାର ଅନ୍‌ସାରୀଙ୍କ ବଡ଼ ଭାଇ ତଥା ଗାଜିପୁର ଆସନରୁ ପୁନର୍ବାର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ଅଫଜଲ ଅନସାରୀ ଏବେସୁଦ୍ଧା ଶପଥ ନେଇନାହାନ୍ତି। ଏକ ଗ୍ୟାଙ୍ଗଷ୍ଟର ମାମଲାରେ ଆଲ୍ଲାହାବାଦ ହାଇକୋର୍ଟଙ୍କ କ୍ଲିନ୍‌ଚିଟ୍ ନ ମିଳିବା ପର୍ଯ୍ୟନ୍ତ ସେ ଶପଥ ନେଇ ପାରିବେ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସେହିପରି ଖାଲିସ୍ତାନୀ ପ୍ରଚାରକ ତଥା ପଞ୍ଜାବର ଖଡ୍ଡୁର ସାହିବ ଆସନରୁ ନବ ନିର୍ବାଚିତ ସ୍ୱାଧୀନ ଏମ୍‌ପି ଅମ୍ରିତପାଲ ସିଂ ଜେଲରେ ଥିବାରୁ ଶପଥ ନେଇ ପାରିନାହାନ୍ତି। ଜମ୍ମୁ-କଶ୍ମୀରର ବାରାମୁଲା ଏମ୍‌ପି ଶେଖ ଅବଦୁଲ ରଶିଦ ମଧ୍ୟ ଏକ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଜେଲରେ ଥିବାରୁ ଶପଥ ଗ୍ରହଣ କରିପାରିନାହାନ୍ତି। ଅନ୍ୟ ୪ ଜଣ ଏମ୍‌ପି ବ୍ୟକ୍ତିଗତ କାରଣ ଯୋଗୁ ଶପଥ ନେଇପାରିନଥିବା ଜଣାପଡ଼ିଛି।

## ୫ ଜଣଙ୍କୁ ହତ୍ୟା ପରେ ଆତ୍ମହତ୍ୟା କଲେ ଆତତାୟୀ

**ଲାସ୍ ଭେଗାସ୍, ୨୬।୬**

ଆମେରିକାର ଲାସ୍ ଭେଗାସ୍ 'କାସା ନର୍ଟ ଡ୍ରାଇଭ' ସ୍ଥିତ ଏକ ଆପାର୍ଟମେଣ୍ଟ କମ୍ପ୍ଲେକ୍ସରେ ମଙ୍ଗଳବାର ରାତିରେ ଜଣେ ଆତତାୟୀ ଆଖିବୁଜା ଗୁଳି ଚଳାଇଛନ୍ତି। ଏଥିରେ ୪ ମହିଳାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ୧୩ ବର୍ଷୀୟା ଝିଅ ଗୁରୁତର ଆହତ ହୋଇଛନ୍ତି। ପୋଲିସ ମୃତଦେହଗୁଡ଼ିକୁ ଜବତ କରିବା ସହ ଆହତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲା। ଆତତାୟୀ ଜଣକ ଏରିକ୍ ଆଡମ୍ସ(୪୭) ବୋଲି ଜଣାପଡ଼ିଛି। ଆଡମ୍ସ 'ଇଷ୍ଟ ଲେକ୍ ମୀଡ୍ ବ୍ଲଭ୍‌ଡ' ଅଞ୍ଚଳରେ ଥିବା ଖବରପାଇ ପୋଲିସ ତାଙ୍କୁ ଗିରଫ କରିବାର ଠିକ୍ ପୂର୍ବରୁ ସେ ଆତ୍ମହତ୍ୟା କରିଛନ୍ତି।




ନୂଆଦିଲ୍ଲୀର ଯନ୍ତରମନ୍ତରରେ ବୁଧବାର ଜେଏନ୍‌ୟୁ ଛାତ୍ରୀଛାତ୍ର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ରଦ୍ଦ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।




ନୂଆଦିଲ୍ଲୀର କସ୍ତୁରବା ଗାନ୍ଧୀ ମାର୍ଗସ୍ଥିତ ବାଟିକାରେ ବୁଧବାର ବିଶ୍ୱ ଓଡ଼ିଆ ସମାଜ (ଡବ୍ଲ୍ୟୁଓଏସ୍) ପକ୍ଷରୁ ଓଡ଼ିଶାର ନବନିର୍ବାଚିତ ଏମ୍‌ପିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଡବ୍ଲ୍ୟୁଓଏସ୍‌ର ଇଣ୍ଡିଆ ଚାପ୍ଟର ସଭାପତି ଡ. ବିପିନ ମିଶ୍ରଙ୍କ ସହ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଓ ଅନ୍ୟମାନେ। **(ଫଟୋ: ଚମନ ଗୌତମ)**

# ବିବାଦରେ ବିର୍ଲାଙ୍କ 'ଏମର୍ଜେନ୍ସି' ପ୍ରସ୍ତାବ

**ନୂଆଦିଲ୍ଲୀ, ୨୬।୬**

ଭାଜପା ଏମ୍‌ପି ଓମ୍ ବିର୍ଲା ବୁଧବାର ଦ୍ୱିତୀୟ ଥର ବାଚସ୍ପତି ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପର୍ଯ୍ୟନ୍ତ ସଦସ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାହୁଲ ମୋଦିଙ୍କ ସହ ହାତ ମିଳାଇଥିଲେ। ମୋଟାମୋଟି ଭାବେ ପାର୍ଲାମେଣ୍ଟର ନିମ୍ନ ସଦନରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଦେଖିବାକୁ ମିଳିଥିଲା। କିନ୍ତୁ ନବନିର୍ବାଚିତ ବାଚସ୍ପତି ଆସନ ଗ୍ରହଣ କରିବା ପରେ ତାଙ୍କର ଗୋଟିଏ ମନ୍ତବ୍ୟ ଗୃହର ପରିବେଶକୁ ହଠାତ୍ ବିଗାଡ଼ିଦେଇଥିଲା। ବାଚସ୍ପତି ବିର୍ଲା ଏମର୍ଜେନ୍ସି (ଜରୁରିକାଳୀନ ପରିସ୍ଥିତି) କଥା ଉଠାଇ ୨ ମିନିଟ ନୀରବ ପ୍ରାର୍ଥନା କରିବାକୁ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ। ଗୃହକୁ ସମ୍ବୋଧିତ କରି ବାଚସ୍ପତି କହିଥିଲେ, ସମସ୍ତ ସଦସ୍ୟ ରାଷ୍ଟ୍ର ପାଇଁ କାର୍ଯ୍ୟ କରିବା ଜରୁରୀ। ଗୃହର ମର୍ଯ୍ୟାଦା ବଜାୟ ରଖିବା ଆବଶ୍ୟକ। ସଂସଦ ଓ ସଡ଼କରେ ବିକ୍ଷୋଭ କରିବା ମଧ୍ୟରେ ପ୍ରଭେଦ ରହିବା ଉଚିତ। ତେଣୁ ଏମର୍ଜେନ୍ସିର କଳାଦିବସଗୁଡ଼ିକର ୫୦ ବର୍ଷ ପୂର୍ତ୍ତି ଅବସରରେ ସଦସ୍ୟଗଣ ୨ ମିନିଟ୍ ନୀରବ ପ୍ରାର୍ଥନା କରନ୍ତୁ। କେତେଜଣ ସଦସ୍ୟ ଛିଡ଼ା ହୋଇ ନୀରବ ପ୍ରାର୍ଥନା କରିଥିବାବେଳେ ଏହାକୁ ନେଇ ବିରୋଧୀ ଏମ୍‌ପିମାନେ ବିକ୍ଷୋଭ କରିଥିଲେ। ଫଳରେ ଗୃହକୁ ମୁଲତବୀ କରିବାକୁ ପଡ଼ିଥିଲା।

୧୯୭୫ ଜୁନ୍ ୨୬ରେ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାର ଦେଶରେ ଏମର୍ଜେନ୍ସି ଜାରି କରିଥିଲେ। ଭାଜପା ଏହାର ୫୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛି। ଏଥିସକାଶେ ଶାସକ ଦଳ ସମସ୍ତ ଐତିହାସିକ କାର୍ଯ୍ୟକ୍ରମରେ ସଚେତନା ସୃଷ୍ଟି କରିବାକୁ ସ୍ଥିର କରିଛି। ଏହାଦ୍ୱାରା ନୂଆ ପିଢ଼ି ଗଣତନ୍ତ୍ର ସମ୍ପର୍କରେ ଜାଣିପାରିବେ ବୋଲି ଭାଜପା ସୂତ୍ରରୁ ପ୍ରକାଶ। କଂଗ୍ରେସକୁ ଟାର୍ଗେଟ କରିବା ପାଇଁ ଭାଜପା ଏମ୍‌ପି ଏବଂ କେନ୍ଦ୍ରମନ୍ତ୍ରୀମାନେ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ବାଚସ୍ପତି ଲୋକ ସଭାରେ ଏମର୍ଜେନ୍ସି କଥା ଉଠାଇଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଛନ୍ତି। ୫୦ ବର୍ଷ ତଳେ ଜରୁରିକାଳୀନ ପରିସ୍ଥିତି ଏକଛତ୍ରବାଦକୁ ମହିମାମଣ୍ଡିତ କରିଥିଲା ବୋଲି ମୋଦି ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଏମ୍‌ପି ଶଶୀ ଥରୁର କହିଛନ୍ତି, ବାଚସ୍ପତିଙ୍କ ଏମର୍ଜେନ୍ସି ପ୍ରସ୍ତାବ ଦୁର୍ଭାଗ୍ୟଜନକ। ସେ ବିଭାଜନକାରୀ ମନ୍ତବ୍ୟ ଦେଇ ଏକ ଭୁଲ୍ ବାର୍ତ୍ତା ପ୍ରେରଣ କରିଛନ୍ତି। ଏମର୍ଜେନ୍ସି ୪୯ ବର୍ଷ ପୂର୍ବେ ହୋଇଥିଲା।

**ରାଜ୍ୟ ଖବର**

## ଏମ୍‌ପିଲାଡ୍ ପାଇଁ ସମ୍ବଲପୁରକୁ ନୋଡାଲ ଜିଲା ଚୟନ କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୬।୬ (ଅନିଲ ଦାସ)**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ ନିଜ ଏମ୍‌ପିଲାଡ୍ କାର୍ଯ୍ୟକ୍ରମ ପାଇଁ ସମ୍ବଲପୁରକୁ ନୋଡାଲ୍ ଜିଲା ଭାବରେ ଚୟନ କରିଛନ୍ତି। ଏ ନେଇ ଭାରତ ସରକାରଙ୍କ ଷ୍ଟାଟିଷ୍ଟିକ୍ସ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟ ଅନ୍ତର୍ଗତ ଏମ୍‌ପିଲାଡ୍ ଡିଭିଜନ ପକ୍ଷରୁ ଏକ ପତ୍ର ଜରିଆରେ ଅବଗତ କରାଯାଇଛି। ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ଅନୁଗୋଳ ଏବଂ ଦେବଗଡ଼ ଜିଲା ଆସୁଛି। ସମ୍ବଲପୁର ସମେତ ଅନୁଗୋଳ ଓ ଦେବଗଡ଼ରେ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହେବା ସହ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଉଲ୍ଲେଖଯୋଗ୍ୟ ଯେ, ଏମ୍‌ପିଲାଡ୍ କେନ୍ଦ୍ର ସରକାରଙ୍କ ଏକ ଯୋଜନା, ଯାହାର ସମ୍ପୂର୍ଣ୍ଣ ଅର୍ଥ ଭାରତ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ। ଏହି ଯୋଜନାର ଉଦ୍ଦେଶ୍ୟ ହେଲା, ଏମ୍‌ପିମାନଙ୍କୁ ମୁଖ୍ୟତଃ ନିଜ ନିର୍ବାଚନମଣ୍ଡଳୀର ବିକାଶ କାର୍ଯ୍ୟକୁ ସୁପାରିସ କରିବା ନିମନ୍ତେ ସକ୍ଷମ କରିବା। ଏହା ଅଧୀନରେ ପାନୀୟ ଜଳ, ପ୍ରାଥମିକ ଶିକ୍ଷା, ସାର୍ବଜନୀନ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ସଡ଼କ ଭିତ୍ତିଭୂମି ଇତ୍ୟାଦି କ୍ଷେତ୍ରରେ ତଥା ସାର୍ବଜନୀନ ଭିତ୍ତିଭୂମି ଉପରେ ବିଶେଷ ଭାବେ ଦୃଷ୍ଟି ଦିଆଯିବ।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସ୍ୱାଭିମାନ ଅଞ୍ଚଳ ଗସ୍ତ

**ଭୁବନେଶ୍ୱର, ୨୬।୬ (ଅନିଲ ଦାସ)**

ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ୱାଭିମାନ ଅଞ୍ଚଳକୁ ବୁଧବାର ୩ ଦିନିଆ ଗସ୍ତ କରିଛନ୍ତି। ସେ ଗୁରୁବାର ରାୟଗଡ଼ା ଏବଂ ଶୁକ୍ରବାର କୋରାପୁଟ ଓ ମାଲକାନଗିରି ଜିଲା ଗସ୍ତ କରି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବେ। ସମ୍ପୃକ୍ତ ଜିଲାରେ ଯୋଗାଣ ଶୃଙ୍ଖଳ, ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପର୍କରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ ଏବଂ କଳାବଜାରକାରୀଙ୍କ ବିରୋଧରେ ହେଉଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିବେ। ଏତଦ୍‌ବ୍ୟତୀତ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଦରଦାମ ବୃଦ୍ଧି ନିୟନ୍ତ୍ରଣ ନିମନ୍ତେ ଯୋଗାଣ ଅଧିକାରୀମାନେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଛନ୍ତି। ଆଳୁ, ପିଆଜ, ଖାଇବା ତେଲ ଏବଂ ଡାଲି ମହଜୁଦ ଥିବା ବିଭିନ୍ନ ଗୋଦାମରେ ଚଢ଼ଉ କରାଯାଇଛି। ଉଭୟ ପାଇକାରୀ ଏବଂ ଖୁଚୁରା ଦୋକାନରେ ବିଭିନ୍ନ ସାମଗ୍ରୀର କିଲୋଗ୍ରାମ ପ୍ରତି ଦର ଏବଂ ମହଜୁଦ ପରିମାଣ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



## ୨ ସ୍ଥାନରେ ଦୁର୍ଘଟଣା, ୨ ଆହତ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବୁଧବାର ପୃଥକ ପୃଥକ ସ୍ଥାନରେ ଦୁର୍ଘଟଣା ଘଟିଛି। ଚକେଇସିଆଣିରେ ଏକ ବାଇକକୁ ପଛକୁ ବୋଲେରୋ ଧକ୍କା ଦେଇଥିଲା। ଫଳରେ ବାଇକରେ ବସିଥିବା ୨ଜଣ ଗୁରୁତର ଆହତ ହୋଇଛନ୍ତି। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବୋଲେରୋ ଚାଳକଙ୍କୁ ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ସେହିପରି ହାଇଟେକ ଛକରେ ଏକ କାର୍‌କୁ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାର୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆରୋହୀ ବର୍ତ୍ତିଯାଇଛନ୍ତି।



### ସଂକ୍ଷେପରେ

## ଗୋଟିଏ ଦିନରେ ୩୮ ଗାଡ଼ି ଜବତ

### ସେଫ୍ ସିଟି ଡ୍ରାଇଭ ଅଭିଯାନ

ଭୁବନେଶ୍ୱର,୨୬।୬(ସୂର୍ଯ୍ୟକାନ୍ତ ବେହେରା): ସେଫ୍ ସିଟି ଡ୍ରାଇଭ ଅଭିଯାନ କ୍ରମରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ତରଫରୁ ବିଭିନ୍ନ ଥାନା ଅଞ୍ଚଳରେ ମଦ୍ୟପାନ କରି ଗାଡ଼ିଚାଳନା ଏବଂ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପ ବିରୋଧରେ ଧରପଗଡ଼ କରାଯାଇ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମଙ୍ଗଳବାର ସନ୍ଧ୍ୟାରେ ସହରରେ ଚେକିଂ ବେଳେ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ବେଳେ ଅନ୍ୟ ୩୮ ଜଣଙ୍କୁ ପି.ଆର୍. ଦିଆଯାଇଥିଲା। ସେହିପରି ଗୋଟିଏ ଛଅଚକିଆ ଯାନ, ୩୮ଟି ଦୁଇଚକିଆ ଯାନ ଜବତ କରାଯାଇଥିବାବେଳେ ଓଡ଼ିଶା ମୋଟରଯାନ ଆଇନ ଏବଂ ଓଡ଼ିଶା ସହରାଞ୍ଚଳ ପୋଲିସ ଆଇନ ଅନୁଯାୟୀ ନିୟମ ଉଲ୍ଲଂଘନକାରୀଙ୍କ ନିକଟରୁ ମୋଟ ୫୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନାଯୋଗ୍ୟ, ସହରାଞ୍ଚଳକୁ ଅପରାଧମୁକ୍ତ କରିବା ପାଇଁ ତଥା ସୁରକ୍ଷିତ ରଖିବା ପାଇଁ ସେଫ୍ ସିଟି ଡ୍ରାଇଭ ଅଧୀନରେ ବିଭିନ୍ନ ସ୍ଥାନରେ ଚାଲୁଥିବା ଖଟି, ସର୍ବସାଧାରଣରେ ନିଶାଦ୍ରବ୍ୟ ସେବନ କରୁଥିବା ଅସାମାଜିକ ବ୍ୟକ୍ତିବିଶେଷଙ୍କୁ ନିୟମିତ ଭାବେ ତଦାରଖ କରାଯାଇ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ଝୁଲି ରହିଛି ରେଳ ସୁରକ୍ଷା ବାଡ଼

ବାରଙ୍ଗ,୨୬।୬(ଲିଙ୍ଗରାଜ ରାଉତ) କଣ୍ଟାପାଟଣା ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ପାର୍ଶ୍ୱରେ ଥିବା ରେଳ ଅଣ୍ଡରପାସ ପୂର୍ବରୁ ରହିଥିବା ସୁରକ୍ଷା ବାଡ଼କୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କା ଦେଇଛି। ଗାଡ଼ି ଧକ୍କାରେ ସୁରକ୍ଷା ବାଡ଼ଟି ବିପଦସଙ୍କୁଳ ଅବସ୍ଥାରେ ରାସ୍ତା ଉପରକୁ ଢ଼ଳି ହୋଇ ରହିଥିବା ଦେଖିବାକୁ ମିଳିଛି। ଫଳରେ ଏହି ବାଟ ଦେଇ ଯାତାୟାତ କରୁଥିବା ଜନସାଧାରଣ ଏବଂ ଯାନବାହନ ପ୍ରତି ଏହା ବିପଦ ସୃଷ୍ଟି କରୁଛି। ରେଳ ଅଣ୍ଡରପାସ ତଳେ ଅଧିକ ଉଚ୍ଚତା ଥିବା ଯାନବାହନ ଯାତାୟାତ ନ କରିବା ପାଇଁ ଏହି ସୁରକ୍ଷା ବାଡ଼ଟି ଲଗାଯାଇଥିଲା। ପ୍ରତ୍ୟହ ଏହି ରାସ୍ତାରେ ଆଖପାଖ ଅଞ୍ଚଳର ଶତାଧିକ ଜନସାଧାରଣ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଯାତାୟତ କରିଥାନ୍ତି। ସୁରକ୍ଷା ବାଡ଼ଟି ଏଭଳି ବିପଦ ସଙ୍କୁଳ ଅବସ୍ଥାରେ ରାସ୍ତାକୁ ଢ଼ଳି ହୋଇ ରହିବା ଫଳରେ ଯାତାୟାତ ପାଇଁ ନିରାପଦ ମଣୁ ନାହାନ୍ତି।



ବୁଧବାର ପ୍ରବଳ ବର୍ଷାରେ ରାଜମହଲ ଛକ ରାସ୍ତାରେ ଲୋକେ ଓଦା ହୋଇ ଯାତାୟତ କରୁଛନ୍ତି।



ରସୁଲଗଡ ବମିଖାଲ ରୋଡରେ ପ୍ରବାହିତ ବର୍ଷାପାଣି। (ଫଟୋ: ମୌସମ୍ ନନ୍ଦ ଓ ବିକାଶ ନାୟକ)

# ବର୍ଷା ବିଗାଡ଼ିଲା ସହର ସ୍ଥିତି

ଭୁବନେଶ୍ୱର, ୨୬।୬(ବନ୍ଦନା ସେଠୀ)

ବର୍ଷା ହେଲେ ଜଳବନ୍ଦୀ ବିବାଦ ସ୍ମାର୍ଟସିଟି ଭୁବନେଶ୍ୱରର ପିଛା ଛାଡୁନାହିଁ। ଅସରାଏ ବର୍ଷା ହେଲେ ସହରର ବାସ୍ତବ ସ୍ଥିତି ପଦାରେ ପଡୁଛି। ବର୍ଷାଜଳ ନିଷ୍କାସନ ରାଜଧାନୀବାସୀଙ୍କ ମୁଖ୍ୟ ସମସ୍ୟା ହୋଇଥିବାବେଳେ ବିଏମ୍‌ସି ପାଇଁ ମୁଣ୍ଡବିନ୍ଧା ପାଲଟିଛି। ଭୁବନେଶ୍ୱରକୁ ୧ ନଂ. କରିବା ପାଇଁ ଯେତେ ଉନ୍ନତିମୂଳକ କାମ ବା ସୌନ୍ଦର୍ଯ୍ୟକରଣ କଲେ ବି ଅସରାଏ ବର୍ଷା ଏ ସବୁ ଉପରେ ପାଣି ପକାଇ ଦେଉଛି।

ବୁଧବାର ସକାଳେ ପ୍ରବଳ ଗୁଳୁଗୁଳି ହେଉଥିଲା। ମାତ୍ର ଅପରାହ୍ନ ପ୍ରାୟ ୨ଟାରେ ହଠାତ୍ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ଘଡ଼ଘଡ଼ି ବିଜୁଳି ସାଙ୍ଗକୁ ମୂଷଳ ଧାରାରେ ବର୍ଷା ହୋଇଥିଲା। ବର୍ଷାଜଳ ଡ୍ରେନ୍‌ରେ ନିଷ୍କାସନ ହୋଇ ନ ପାରିବାରୁ ରାସ୍ତାରେ ପାଣି ଲହଡ଼ି ମାରିଥିଲା। ବିଶେଷକରି ୧୬ନଂ. ଜାତୀୟ ରାଜପଥର ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥିଲା। ଫଳରେ ଗାଡ଼ି ଚଳାଚଳ ଏକପ୍ରକାର ଠପ୍ ହୋଇପଡ଼ିଥିଲା। ଲକ୍ଷ୍ମୀସାଗର, ଫାୟାରଷ୍ଟେଶନ୍, ନୟାପଲ୍ଲୀ, ବରମୁଣ୍ଡା, ଖାରପଡ଼ା, ପଳାଶୁଣୀ, ରସୁଲଗଡ଼, ଜଗନ୍ନାଥ ଆଶ୍ରମ, ପୁରୁଣା ଭୁବନେଶ୍ୱର, ଜିଜିପି କଲୋନି, ମହିଷାଖାଲ, ମେଘେଶ୍ୱର କଲୋନି, ବାୟାବାବା ମଠ, ଚକେଇସିଆଣି ଭଳି ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲା। ପାଣି ଜମି ରହିଥିବାରୁ ରାସ୍ତାଘାଟ ନାଳ ସବୁ ଏକାକାର ହୋଇଥିଲା। ବିଭିନ୍ନ ଅଞ୍ଚଳରେ ଡ୍ରେନ୍ କାମ ଚାଲିଥିବାବେଳେ କେତେକ ଡ୍ରେନ୍‌ର ଢାଙ୍କୁଣି ଖୋଲା ରହିଛି। ତେଣୁ କେତେବେଳେ ଯେ, ଅଘଟଣ ନ ଘଟିବ ସେକଥା କହିହେବନାହିଁ। ବିପଦ ଆଶଙ୍କାରେ ଲୋକଙ୍କୁ ଅଧିକ ସତର୍କ ହୋଇ ଯାତାୟାତ କରିବାକୁ ପଡୁଛି। ଯଦିଓ ରାଜଧାନୀବାସୀଙ୍କ ଲାଗି ଏହା କୌଣସି ନୂଆ ଚିତ୍ର ନୁହେଁ ତଥାପି ଏନେଇ ବିଏମ୍‌ସି ପକ୍ଷରୁ କୌଣସି ସ୍ଥାୟୀ ସମାଧାନ ଲାଗି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ଇସ୍କନ ରାସ୍ତାରେ ଫସିଲା ବସ୍



ପ୍ରତିବର୍ଷ ବର୍ଷାଦିନେ ଜଳବନ୍ଦୀ ସମସ୍ୟା ପାଇଁ ଇସ୍କନ ସମ୍ମୁଖ ରାସ୍ତା ଚର୍ଚ୍ଚାରେ ରହିଥାଏ। ଦୁଇଚକିଆ ଯାନଠାରୁ ଆରମ୍ଭ କରି କାର୍, ବସ୍ ଭଳି ବଡ଼ ବଡ଼ ଯାନ ମଧ ଏଠାରେ ଫସିରହିବାର ନଜିର ରହିଛି। ବୁଧବାର ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଇସ୍କନ ସମ୍ମୁଖରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବାରୁ ମୋ ବସ୍ ସମେତ ୩ଟି ବସ୍ ସେଠାରେ ଫସିଯାଇଥିଲା। ଇଞ୍ଜିନ୍‌ରେ ଗୋଳିଆ ପାଣି ପଶିଯିବାରୁ ବସ୍ ଆଉ ଚାଲି ନ ଥିଲା। ବସ୍‌ଗୁଡିକରେ ଥିବା ଯାତ୍ରୀମାନେ ମଧ ଦୀର୍ଘ ସମୟ ଧରି ଫସି ରହିଥିଲେ। ତଳେ ବର୍ଷା ପାଣି ଲହଡ଼ି ମାରୁଥିବାରୁ କେହି ତଳକୁ ଓହ୍ଲାଇ ନ ଥିଲେ। ପାଣି ଟିକେ କମିବା ପରେ ବସ୍‌ରୁ ଯାତ୍ରୀମାନଙ୍କୁ ବାହାର କରି ବସ୍‌କୁ ଠେଲିଠେଲି ରାସ୍ତାକଡ଼କୁ ଅଣାଯାଇଥିଲା। ପରେ ସେଗୁଡ଼ିକର ମରାମତି ବ୍ୟବସ୍ଥା କରାଯାଇଥିଲା। ତେବେ ସ୍ମାର୍ଟସିଟିରେ ପାଣିରେ ବସ୍ ଫସି ରହିବା ଏବଂ ଗନ୍ତବ୍ୟ ସ୍ଥଳକୁ ଯାଇ ନ ପାରି ଅଧାରାସ୍ତାରୁ ଯାତ୍ରୀଙ୍କୁ ଓହ୍ଲାଇ ହଟହଟା ହେବାକୁ ପଡିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ସମାନ ସ୍ଥିତି ରସୁଲଗଡ଼ ନିକଟରେ ଦେଖିବାକୁ ମିଳିଥିଲା। ବର୍ଷାପାଣିରେ କେଉଁଠି କାର୍ ଅଧା ବୁଡି ଯାଉଥିବାବେଳେ ବାଇକ୍ ଚକା ବୁଡି ଯାଉଥିଲା।

## କାମ ଦେଉନି ଟେକ୍ନୋଲୋଜି

କେତେବେଳେ ଆଇଆଇଟି ବିଶେଷଜ୍ଞ ତ ଆଉ କେତେବେଳେ ଜିଆଇଜେଡ୍ ଟେକ୍ନୋଲୋଜି ଭୁବନେଶ୍ୱରକୁ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ଦେବା କ୍ଷେତ୍ରରେ ସମସ୍ତେ ଫେଲ୍ ମାରିଛନ୍ତି। ଗତ କିଛିଦିନ ତଳେ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ନାବାଳକ ମୃତ୍ୟୁବରଣ କରିବା ପରେ ପୁଣିଥରେ ଆଇଆଇଟି ରୁର୍‌କୀ ଟିମ୍ ଆସି ସହରର ଡ୍ରେନେଜ୍ ବ୍ୟବସ୍ଥାର ସମୀକ୍ଷା କରି ଫେରିଛନ୍ତି। ତେବେ ସବୁ ଯୋଜନା କାର୍ଯ୍ୟକାରୀ ନ ହେବା ପଛରେ ଜବରଦଖଲ ଏକ ମୁଖ୍ୟ ସମସ୍ୟା ହୋଇ ମୁଣ୍ଡ ଟେକିଛି। ଅନେକ ବଡ଼ବଡ଼ିଆ, ବସ୍ତି ଅଞ୍ଚଳବାସୀ ନାଳ ଉପରେ ଜବରଦଖଲ କରି ରଖିଥିବାବେଳେ ସେମାନଙ୍କୁ ଉଚ୍ଛେଦ କରିବାରେ ବିଏମ୍‌ସି ଫେଲ୍ ମାରୁଛି। ତେଣୁ ଯେତେ ଯୋଜନା, ରଣନୀତି କଲେ ମଧ ସେଗୁଡିକୁ କାର୍ଯ୍ୟକାରୀ କରିବାରେ ବାଧା ଉପୁଜୁଥିବା ଦେଖାଯାଇଛି।



ବାଲିଅନ୍ତା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବର୍ଷାଜଳ ଜମି ରହିଛି। (ଫଟୋ: ନୀଳମାଧବ ସାହୁ)



## ବିପଦ ସାଜୁଛି ମୁକୁଳା ଡ୍ରେନ୍

ବର୍ଷାହେଲେ ଡ୍ରେନ୍ ଓ ରାସ୍ତା ଏକାକାର ହୋଇଯାଉଛି। କେଉଁଠି ରାସ୍ତା ଓ କେଉଁଠି ନାଳ କିଛି ଜଣାପଡୁନାହିଁ। ଅପରପକ୍ଷେ ବିଏମ୍‌ସି ପକ୍ଷରୁ ଏଯାବତ୍ ସମସ୍ତ ମୁକୁଳା ଡ୍ରେନ୍ କଡରେ ବାଡ଼ ଦିଆଯାଇନାହିଁ। ସେହିପରି ସହରରେ ଥିବା ୩୪ଟି ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇଥିବା ବେଳେ ସେଠାରେ ମଧ ସତର୍କତାମୂଳକ ବୋର୍ଡ କିମ୍ବା ବାଡ଼ ଦିଆଯାଇ ନ ଥିବାରୁ କୌଣସି ଅଘଟଣ ଘଟିବା ଆଶଙ୍କାକୁ ଏଡ଼ାଇ ଦେଇହେବନାହିଁ। ଗତ କିଛିଦିନ ତଳେ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ନାବାଳକ ମୃତ୍ୟୁବରଣ କରିବା ଘଟଣା ଲୋକଙ୍କ ମନରୁ ଲିଭିନାହିଁ।

### ଡ୍ରେନ୍ ସଫେଇ ସରିନି

ମୌସୁମୀ ପୂର୍ବରୁ ବିଏମ୍‌ସି କର୍ତ୍ତୃପକ୍ଷ ବୈଠକ ପରେ ବୈଠକ କରି ସହରରେ ଥିବା ସମସ୍ତ ଡ୍ରେନ୍‌ର ମରାମତି ଓ ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ବର୍ଷା ସମୟରେ ଯେପରି ଜଳ ନିଷ୍କାସନ ସମସ୍ୟା ନ ଉପୁଜେ ସେଥିପାଇଁ ଏଜେନ୍ସି ଏବଂ ଇଞ୍ଜିନିୟରଙ୍କୁ ତାଗିଦା କରାଯାଉଛି। ମାତ୍ର ଏତେ ସବୁ ପରେ ବି ଫଳ ଶୂନ। ଅଳ୍ପ ସମୟର ବର୍ଷାରେ ବହୁ ଅଞ୍ଚଳରେ ରାସ୍ତା କଡ଼ରେ ପଙ୍କ କାଦୁଅ ଗଦା ହୋଇଯାଇଥିଲା। ଏଯାବତ୍ ଡ୍ରେନ୍ ସଫେଇ ସରି ନ ଥିବାରୁ ବର୍ଷାଜଳ ନିଷ୍କାସନ ସମ୍ଭବ ହୋଇପାରୁନାହିଁ।

### ସ୍ଥିତି ସମୀକ୍ଷା କଲେ ମେୟର, ବିଧାୟକ

ବର୍ଷାପରେ ମେୟର ସୁଲୋଚନା ଦାସ, ଏକାମ୍ର ବିଧାୟକ ବାବୁ ସିଂ ଜଳବନ୍ଦୀ ଅଞ୍ଚଳ ବୁଲି ଦେଖିଥିଲେ। ଖୁବ୍‌ଶୀଘ୍ର ସହରର ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ମେୟର କହିଥିଲେ। ସେହିପରି ଚଳିତ ବର୍ଷ ଏଭଳି ସ୍ଥିତିର ଟିକେ ସାମ୍ନା କରିବାକୁ ପଡିବ। ଏହା ଏକ ସମୟସାପେକ୍ଷ କାର୍ଯ୍ୟ। ତେଣୁ ପରବର୍ତ୍ତୀ ସମୟରେ ସ୍ଥାୟୀ ସମାଧାନ କରାଯିବା ସହ ରାଜଧାନୀରେ କିପରି ଜଳବନ୍ଦୀ ନ ହେବ ସେ ନେଇ ଧ୍ୟାନ ଦିଆଯିବ ବୋଲି ବିଧାୟକ କହିଥିଲେ।

## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ଜାତୀୟ କର୍ମଶାଳା

ଭୁବନେଶ୍ୱର,୨୬।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଇନୋଭେଶନ ଏବଂ ବୌଦ୍ଧିକ ଗୁଣଧର୍ମ ଅଧିକାର (ନୂତନ ଆଇପିଆର୍ -୨୦୨୪) ଉପରେ ଜାତୀୟ ଇ-କର୍ମଶାଳା ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ଇନଟେକ୍ ସଚେତନତା କାର୍ଯ୍ୟକଳାପର ଏକ ଅଂଶ ଭାବେ ଆରମ୍ଭ ହୋଇଛି। ଗତ ୨୪ତାରିଖରୁ ଆରମ୍ଭ ହୋଇଥିବା ଏହି କର୍ମଶାଳାରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କ ଦ୍ୱାରା ମୋଟ ୨୪ଟି ବକ୍ତୃତା ପ୍ରଦାନ କରାଯାଉଛି। କର୍ମଶାଳାରେ ପ୍ରାୟ ୧୮୦୦ ଜଣ ରେଜିଷ୍ଟ୍ରେଶନ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଛାତ୍ର, ଅଧ୍ୟାପିକା, ଅନୁସନ୍ଧାନକାରୀ, ବୈଜ୍ଞାନିକ, ଇଣ୍ଡଷ୍ଟ୍ରୀ ପ୍ରଫେସନାଲ ଏବଂ ଅନ୍ୟମାନେ ଅଂଶଗ୍ରହଣ କରିଛନ୍ତି। ବିକଶିତ ଭରତ ପାଇଁ ଖଣିଜ ପଦାର୍ଥ ଓ ଧାତବ ଅନୁସନ୍ଧାନରେ ସୁଯୋଗ, ଆହ୍ୱାନ ଏବଂ ୱାନ ଉଇକ ୱାନ ଥିମ - ଶକ୍ତି - ବିଷୟବସ୍ତୁ ଆଧାରିତ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଅତିଥି ଭାବେ ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ବିଏଆର୍‌ସିର ପୂର୍ବତନ ବିଶିଷ୍ଟ ବୈଜ୍ଞାନିକ ଏବଂ ଏଚ୍‌ବିଏନ୍‌ଆଇର ପ୍ରଫେସର ଟି. ଶ୍ରୀନିବାସ, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁସ୍ମିତା ଦାସ, ଏଏମ/ଏନଏସ ଇଣ୍ଡିଆ ସିଓଇ ବିଭାଗର ବେନିଫିକେଶନ ମୁଖ୍ୟ ଡ. ରଘୁ କୁମାର ଆଦି ଯୋଗଦେଇଥିଲେ। ଅଭିନବ ପ୍ରଯୁକ୍ତିବିଦ୍ୟା ସକ୍ଷମ କେନ୍ଦ୍ର ଇଣ୍ଟେକ ହେଉଛି ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟିରେ ଏକ ଇନକ୍ୟୁବେଶନ ଷ୍ଟାର୍ଟଅପ୍ ଯାହା ଓଡିଶା ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଏହା ବର୍ତ୍ତମାନ ପ୍ରାୟ ୧୮ଟି ଷ୍ଟାର୍ଟଅପ୍ ଆୟୋଜନ କରୁଛି ଏବଂ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଇନୋଭେଶନ ଓ ଆଇପିଆର୍ ଉପରେ ପ୍ରାୟ ୪୦ଟି ଇଭେଣ୍ଟ ଆୟୋଜନ କରିଛି। ମୋଟ ଉପରେ ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟି ଗତ ଏକବର୍ଷ ମଧରେ ପ୍ରାୟ ୩୦ଟି ନୂତନ ଆଇପିଆର୍ (ପେଟେଣ୍ଟ ଏବଂ ଡିଜାଇନ) ଫାଇଲ କରିବାରେ ସକ୍ଷମ ହୋଇଛି।



କର୍ମଶାଳାରେ ଅତିଥି ଓ ଅନ୍ୟମାନେ।

## ସାଲିଆସାହିରେ ପାନୀୟଜଳ ସଙ୍କଟ



ଜଳ ଯୋଗାଣ କେନ୍ଦ୍ର ସମ୍ମୁଖରେ ଖାଲି ବାଲ୍‌ଟି ରଖି ମହିଳାମାନେ ଧାରଣା ଦେଇଛନ୍ତି।

ଭୁବନେଶ୍ୱର, ୨୬।୬(ବନ୍ଦନା ସେଠୀ)

- ୫ଦିନ ହେଲା ହଇରାଣ ହେଉଛନ୍ତି ବାସିନ୍ଦା
- ଖାଲି ବାଲ୍ଟି ରଖି ଧାରଣା ଦେଲେ ମହିଳା

ରାଜଧାନୀ ଭୁବନେଶ୍ୱରରେ ଦେଖାଦେଇଛି ଜଳ ସଙ୍କଟ। ଗତ ୫ଦିନ ଧରି ସାଲିଆସାହି ଅଞ୍ଚଳବାସୀ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ପ୍ରବଳ ଖରା ସାଙ୍ଗକୁ ବିଦ୍ୟୁତକାଟ ଏବଂ ଏବେ ପାନୀୟଜଳ ସମସ୍ୟା ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତା ବଢାଇଛି। କିଏ ଦୁଇଦିନ ହେବ ଗାଧୋଇନି ତ ଆଉ କାହା ଘରେ ରୋଷେଇ ହୋଇନାହିଁ। ପାଣି ବିନା ଗୋଟିଏ ଦିନ କାଟିବା କଷ୍ଟକର ହୋଇ ପଡୁଥିବାବେଳେ ୫ଦିନ ଧରି ଏଭଳି ସମସ୍ୟା ଲାଗି ରହିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଅପରପକ୍ଷେ ଏନେଇ ବାରମ୍ବାର ଅଭିଯୋଗ କରିବା ପରେ ବି ସ୍ଥିତି ସୁଧୁରି ନ ଥିବାରୁ ବୁଧବାର ସାଲିଆସାହିର ମହିଳାମାନେ ସାଲିଆସାହି ଜୋନ୍-୧ରେ ଥିବା ଜଳ ଯୋଗାଣ କେନ୍ଦ୍ର ସମ୍ମୁଖରେ ଖାଲି ବାଲ୍‌ଟି ଧରି ଧାରଣା ଦେଇଥିଲେ। ଯେ ପର୍ଯ୍ୟନ୍ତ ପାନୀୟଜଳ ଯୋଗାଣ ସ୍ୱାଭାବିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଅଡ଼ିବସିଥିଲେ। ତେବେ କେନ୍ଦ୍ରର ଅଧିକାରୀ ବୁଝାଶୁଝା କରି ଗୁରୁବାର ସୁଦ୍ଧା ପାନୀୟଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ସ୍ଥାନୀୟ ସାମାଜିକ କର୍ମୀ ତଥା ରେଡ୍‌କ୍ରସର ସଦସ୍ୟା ପ୍ରମିଳା ବେହେରା କହିଛନ୍ତି, ୫ଦିନ ହେବ ପାଣି ଆସୁନାହିଁ। ସାଲିଆସାହିର ଜନସଂଖ୍ୟା ପ୍ରାୟ ୫୦ ହଜାର। ସେଥିରୁ କାଁ ଭାଁ ଲୋକ ନିଜ ଖର୍ଚ୍ଚରେ ବୋରିଂ କରିଛନ୍ତି। ବାକି ୮୦ ପ୍ରତିଶତ ଲୋକ ପିଇବା ଠାରୁ ଆରମ୍ଭ କରି ନିତ୍ୟକର୍ମ ସାରିବା ପର୍ଯ୍ୟନ୍ତ ସପ୍ଲାଏ ପାଣି ଉପରେ ନିର୍ଭର କରୁଛନ୍ତି। ଲୋକଙ୍କୁ ୨୪ଘଣ୍ଟିଆ ପାନୀୟଜଳ ଯୋଗାଣ କରାଯିବ ବୋଲି ପୂର୍ବ ସରକାର କହିଥିଲେ। ପ୍ରଥମେ କିଛି ମାସ ମାଗଣାରେ ପାଣି ଯୋଗାଇବା ପରେ ଏଥିପାଇଁ ୱାଟ୍‌କୋ ପକ୍ଷରୁ ଘରେ ଘରେ ମିଟର ବସାଇ ଟଙ୍କା ନିଆଯାଉଛି। ମାତ୍ର ଲୋକଙ୍କୁ ଠିକ୍ ଭାବେ ପାଣି ଯୋଗାଯାଉନାହିଁ। ବସ୍ତିରେ ରହୁଥିବା ଲୋକଙ୍କର ମଧ ପାଣି ପାଇବାର ଅଧିକାର ରହିଛି। ତେଣୁ ତୁରନ୍ତ ଏ ସମସ୍ୟାର ସମାଧାନ ନ ହେଲେ ଲୋକେ ଏହାର କଡ଼ା ଜବାବ୍ ଦେବେ ବୋଲି ପ୍ରମିଳା କହିଛନ୍ତି।

## ମୁଖ୍ୟରାସ୍ତାରେ ଜମୁଛି ବର୍ଷାପାଣି, ବାଲି

ବାରଙ୍ଗ,୨୬।୬(ଲିଙ୍ଗରାଜ ରାଉତ)

ବର୍ତ୍ତମାନ ରାଜ୍ୟରେ ମୌସୁମୀ ଜନିତ ବର୍ଷା ହେଉଥିବାବେଳେ ସାମାନ୍ୟ ବର୍ଷାରେ ରାସ୍ତାପାର୍ଶ୍ୱରେ ଆଣ୍ଠୁଏ ପାଣି ଜମି ରହୁଛି। ଗୋଟେପଟେ ରାସ୍ତାକଡ଼ରେ ବାଲି ସହ ବର୍ଷାପାଣି ଜମି ରହିବାରୁ ଯାତାୟାତରେ ବାଧା ଦେଖାଦେଇଛି। ଫଳରେ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ଏହିଭଳି ଦୃଶ୍ୟ ବାରଙ୍ଗ ଅଞ୍ଚଳର ବିଭିନ୍ନ ଜାଗାରେ ଦେଖିବାକୁ ମିଳିଛି। ତ୍ରିଶୂଳିଆ ବଜାରରେ ଟ୍ରାଫିକ ଛକ ଉପରେ ବର୍ଷାପାଣି ଜମି ରହିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାପାଣି ଜମିରହି ପରବର୍ତ୍ତୀ ସମୟରେ ରାସ୍ତାରେ ଖାଲ ହେଉଛି। ଏହି ରାସ୍ତା ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗ ଅଧୀନରେ ଥିବାରୁ ବିଭାଗୀୟ ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ଅବଗତ କରାଇବା ପରେ ମଧ କୌଣସି ସୁଫଳ ମିଳିପାରିନାହିଁ। ଅନ୍ୟପଟେ ଏହି ରାସ୍ତା କଟକ, ତ୍ରିଶୂଳିଆ, ବାଙ୍କୀ ଆଠଗଡ଼, ବାରଙ୍ଗ, ଭୁବନେଶ୍ୱରକୁ ସୁବାସ ସେତୁର ସଂଯୋଗୀକରଣ ପରେ ରାସ୍ତାରେ ଯାତାୟାତ ପାଇଁ ପ୍ରବଳ ଭିଡ଼ ହେଉଛି। ରାସ୍ତାର ଉଭୟ ପାର୍ଶ୍ୱ ଜବରଦଖଲକାରୀଙ୍କ କବ୍‌ଜାରେ ରହୁଥିବାରୁ ବର୍ଷା ପାଣି ମଧ ନିଷ୍କାସନର ଅନ୍ୟ ଏକ କାରଣ ସାଜିଥିବା ଦେଖିବାକୁ ମିଳିଛି।



## ସଂକ୍ଷେପରେ

### ଘରୋଇ କଳିରୁ ଭାଇ ପୋଡ଼ିଦେଲା ବାଇକ୍



**ଝାଁଲା,୨୬।୬(ବୁଲା ବାରିକ):** ଘରୋଇ କଳିରୁ ବଡ଼ଭାଇ ଏକ ବାଇକ୍ ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ତମାଣ୍ଡୋ ଥାନା ଅନ୍ତର୍ଗତ ମହୁରା ରାସ୍ତାରେ ରହୁଥିବା ଚିନ୍ମୟ ତ୍ରିପାଠୀ ଦେହ ଅସୁସ୍ଥ ପାଇଁ ଔଷଧ ଖାଉଥିଲେ। କିନ୍ତୁ ବୁଧବାର ଔଷଧ ଖାଇବାକୁ ନେଇ ତାଙ୍କ ଘରେ ପାଟିତୁଣ୍ଡ ହୋଇଥିଲା। ତେଣୁ ଚିନ୍ମୟଙ୍କ ମା' ସାନପୁଅ ଚିରଞ୍ଜିବୀଙ୍କୁ ଡକାଇଥିଲେ। ଚିରଞ୍ଜିବୀ ଆସି ବାହାରେ ବାଇକ୍ ରଖି ଘର ଭିତରକୁ ଯାଇଥିଲେ। ଏହି ସମୟରେ ଚିନ୍ମୟ କୌଶଳକ୍ରମେ ଘରୁ ବାହାରି ଆସି ଗ୍ରୀଲ ଗେଟକୁ ବାହାରପଟୁ ଦେଇଦେଇଥିଲେ। ଏଥିସହ ବାହାରେ ଥିବା ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ। ଏନେଇ ଚିରଞ୍ଜିବୀ ତମାଣ୍ଡୋ ଥାନାକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରୀଲ୍ ଖୋଲିଥିଲେ। ସେତେବେଳକୁ ଚିନ୍ମୟ ଫେରାର ହୋଇଯାଇଥିଲେ।

### ଅନୁଭବଙ୍କୁ ନେଇ ଅନୁପମ୍‌ଙ୍କ ନୂଆ ଫିଲ୍ମ 'କର୍ମ'

**ଭୁବନେଶ୍ୱର,୨୬।୬(ଶର୍ମିଷ୍ଠା ପାଣିଗ୍ରାହୀ):** ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'କର୍ମ'ର ଶୁଭ ମହୁରତ ସହିତ ସ୍କ୍ରିପ୍ଟ ପୂଜା ବୁଧବାର ଖଣ୍ଡଗିରିସ୍ଥିତ ସଙ୍କଟମୋଚନ ବୀର ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସୁପରଷ୍ଟାର ଅନୁଭବ ମହାନ୍ତିଙ୍କୁ ନେଇ ଏକ ବିଗ୍ ବଜେଟର ସିନେମା ଆସନ୍ତା ଦୁର୍ଗାପୂଜାରେ ଓଡ଼ିଆ ଦର୍ଶକଙ୍କୁ ଭେଟି ଦେବା ପାଇଁ ଅନୁପମ ପ୍ରୟାସ କରିଛନ୍ତି। ଏହି ଅବସରରେ ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, କାର୍ଯ୍ୟକାରିଣୀ ପ୍ରଯୋଜିକା ବର୍ଷା ପଟ୍ଟନାୟକ, ଲେଖକ ମାନସ ପଡ଼ିଆରୀ, କ୍ୟାମେରାମ୍ୟାନ ଦୀପକ କୁମାର, ସଙ୍ଗୀତ ନିର୍ଦ୍ଦେଶକ ଆଶିଷ ପ୍ରଧାନ, ସାଉଣ୍ଡ ଡିଜାଇନର ଶକ୍ତିସ୍ୱରୂପ ଦ୍ୱିବେଦୀ, ସମ୍ପାଦକ ରଶ୍ମିରଞ୍ଜନ ଦାଶ, ଲାଇନ ପ୍ରଡ୍ୟୁସର ଗୋପାଳ ଚନ୍ଦ୍ର ଘଡ଼ାଇ, କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ। ଏହି ସିନେମାରେ ମୁଖ୍ୟ ଚରିତ୍ରଗୁଡ଼ିକରେ ଅଭିନୟ କରୁଥିବା ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମାଜିଥିଆ, ମନ୍ମୟ ଦେ, ଉଦିତ ଗୁରୁ, ସରୋଜ, ସୂର୍ଯ୍ୟମୟୀ ଏବଂ ଦିବ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

### ୨ ସ୍ଥାନରେ ସଡ଼କ ଦୁର୍ଘଟଣା, ୨ ଆହତ

**ଭୁବନେଶ୍ୱର,୨୬।୬(ସୂର୍ଯ୍ୟକାନ୍ତ ବେହେରା):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବୁଧବାର ପୃଥକ ପୃଥକ ସ୍ଥାନରେ ଦୁର୍ଘଟଣା ଘଟିଛି। ଚକେଇସିଆଣିରେ ଅପରାହ୍ନରେ ଏକ ବାଇକକୁ ପଛକୁ ବୋଲେରୋ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତଦ୍ୱୟଙ୍କ ପରିଚୟ ଜଣାପଡ଼ିନାହିଁ। ତେବେ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବୋଲେରୋ ଚାଳକଙ୍କୁ ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ସେହିପରି ହାଇଟେକ ଛକରେ ଏକ କାର୍‌କୁ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାର୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଦମ୍ପତି ଓ ତାଙ୍କ ପିଲା ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୋଲିସ ଏହି ଦୁଇଟି ଘଟଣାରେ ଗାଡ଼ି ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

### ଦୁର୍ଘଟଣା: ବାଇକ୍ ଚାଳକ ମୃତ

**କଟକ ସଦର, ୨୬।୬(ସୁଶାନ୍ତ କୁମାର ଜେନା):** କଟକ-ପାରାଦୀପ ରାସ୍ତାର ଫକୀରପଡ଼ା ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଜଗତ୍‌ସିଂପୁର ଜିଲା ପୁନଙ୍ଗ ଗ୍ରାମର ସେବକ ବେହେରା(୨୨)ଙ୍କ ମୃତ୍ୟୁ ଘଟିଛି। ସେବକ ବାଇକ୍(ନଂ. ଓଡ଼ି୦୫ବିଜି-୬୦୧୮)ରେ କଟକ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା କାର୍ (ନଂ.ଓଡ଼ି୩୩ଏଏନ୍-୨୦୬୨) ସହ ଧକ୍କା ହୋଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ନିଶାମୁକ୍ତ ସମାଜ ଗଠନ ସମସ୍ତଙ୍କ ଦାୟିତ୍ୱ

**ଖୋର୍ଦ୍ଧା,୨୬।୬(ପ୍ରଭାତ ପାଣିଗ୍ରାହୀ)**



ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି।

ଖୋର୍ଦ୍ଧା ଜିଲା ସାମାଜିକ ସୁରକ୍ଷା ଏବଂ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ବୁଧବାର ଡ୍ରଗ୍ସ ଅପବ୍ୟବହାର ଏବଂ ଅବୈଧ କାରବାର ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥ ଓ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ଟାଉନ ହଲ୍ ପର୍ଯ୍ୟନ୍ତ ଯାଇଥିଲା। ଏହି ସଚେତନତା ରଥ ଓ ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଦୁଇଟି ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀମାନେ ସାମିଲ ହୋଇ ନିଶାମୁକ୍ତ ସମାଜ ଗଠନ ଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ସ୍ଲୋଗାନ ଦେଇଥିଲେ। ତେବେ ନିଶା ସେବନଠାରୁ ଦୂରେଇ ରହିବା ସହିତ ଅନ୍ୟମାନଙ୍କୁ ଏହା ଉପରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିରିକ୍ତ ଜିଲାପାଳ ବେଉରା କହିଛନ୍ତି। ପରେ ଜୟୀ ରାଜଗୁରୁ ଟାଉନ ହଲ୍ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲାପାଳ ଚଞ୍ଚଳ ରାଣା, ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଅତିରିକ୍ତ ଜିଲାପାଳ ବେଉରା, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ପ୍ରମୁଖ ଯୋଗଦେଇ ଡ୍ରଗ୍ସ ଏବଂ ଆଲକହଲ ସେବନ ଦ୍ୱାରା କ୍ଷତି ଓ ସଙ୍ଗ ଦୋଷରୁ ମଣିଷ କିପରି କୁପଥଗାମୀ ହେଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଅବୈଧ ନିଶାଦ୍ରବ୍ୟ ଚୋରା କାରବାରକୁ ବନ୍ଦ କରି ଆଇନ ସମ୍ମତ ଅନୁଯାୟୀ କାର୍ଯ୍ୟ କରିବାକୁ ସଚେତନ କରାଇଥିଲେ। ଏହି ଅବସରରେ ଜିଲାରେ ଯୁବବର୍ଗ ଓ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ଅବକାରୀ କାର୍ଯ୍ୟାଳୟ ଓ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ କର୍ମଚାରୀ ପରିଚାଳନା କରିଥିଲେ।

# ଦୀପକ, ବିଭୁ ଏମ୍‌ପିଙ୍କ ପ୍ରତିନିଧି ନିଯୁକ୍ତ

**ଖୋର୍ଦ୍ଧା,୨୬।୬(ପ୍ରଭାତ ପାଣିଗ୍ରାହୀ)**




ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଖୋର୍ଦ୍ଧା ପୌରାଞ୍ଚଳ ପ୍ରତିନିଧିଭାବେ ଭାଜପା ନେତା ଦୀପକ କୁମାର ହୋତା ଏବଂ ଖୋର୍ଦ୍ଧା ବ୍ଲକ ପ୍ରତିନିଧି ଭାବେ ବିଭୁପ୍ରସାଦ ବଳିଆରସିଂହ ନିଯୁକ୍ତ କରିଛନ୍ତି। ଏନେଇ ଏମ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦିପକ ଓ ବିଭୁ ଦାୟିତ୍ୱକୁ ସମାଜ ଏବଂ ସାଧାରଣ ଜନତାଙ୍କ ହିତ ପାଇଁ ଏମ୍‌ପିଙ୍କ ପ୍ରତିନିଧିଭାବେ ସୂଚାରୁଭାବେ ନିର୍ବାହ କରିବେ ବୋଲି କହିଛନ୍ତି। ଏଥିସହ ଏହି ଦାୟିତ୍ୱ ପାଇଁ ଏମ୍‌ପି ଷଡ଼ଙ୍ଗୀ ଓ ଭାଜପା ନେତୃବୃନ୍ଦକୁ କୃତଜ୍ଞତା ଜଣାଇଛନ୍ତି।

# ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ

**କୃଷ୍ଣପ୍ରସାଦ,୨୬।୬(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ତିଛିଣିସ୍ଥିତ ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନାଙ୍କ ଆହ୍ୱାନକ୍ରମେ ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ ଓ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ବ୍ଲକର ଜନସାଧାରଣଙ୍କ ପକ୍ଷରୁ ବିଧାୟିକା ଉପାସନା ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ବିକାଶଧାରାରେ କୃଷ୍ଣପ୍ରସାଦକୁ ସାମିଲ କରିବା ସହ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀକୁ ରାଜ୍ୟରେ ଏକ ନମ୍ବର କରିବା ପାଇଁ ବିଧାୟିକା କହିଥିଲେ। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା କିପରି ଘରେ ଘରେ ପହଞ୍ଚିବ ସେଥିପାଇଁ ପଞ୍ଚାୟତସ୍ତରରେ କାର୍ଯ୍ୟ କରାଯିବ। ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ, ରଘୁନାଥ ବତ୍ସ, ବରିଷ୍ଠ ନେତା ଶରତ ଚନ୍ଦ୍ର ଜେନା, ମିଡ଼ିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ସୁରେନ୍ଦ୍ର କୁମାର ବିଶ୍ୱାଳ, ବ୍ଲକ ସଂଯୋଜକ ଅଶୋକ କୁମାର ବିଶ୍ୱାଳ, ଅଲଣ୍ଡା ସରପଞ୍ଚ ବିଷ୍ଣୁ ପ୍ରିୟା ବିଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ, ଯୁବନେତା ରାମଚନ୍ଦ୍ର ସେଠୀ, ଦେବାଶିଷ ଜଗଦ୍ଦେବ ନାୟକ, ସଦାନନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ମିଟୁ ସିଂହସାମନ୍ତ, ପ୍ରଶାନ୍ତ କୁମାର ମାନସିଂହଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।


ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କୁ ସ୍ୱାଗତ କରାଯାଉଛି।

# ବିପର୍ଯ୍ୟୟ ମୁକାବିଲା କୌଶଳ ଶିଖାଇଲା ଅଗ୍ନିଶମ ବାହିନୀ



**ବୋଲଗଡ଼,୨୬।୬(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅଧୀନ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବେଦନକ୍ରମେ ବୋଲଗଡ଼ ଅଗ୍ନିଶମ ସେବାକେନ୍ଦ୍ରର ଅଧିକାରୀ ନିରଞ୍ଜନ ବେହେରା, ଆଗ୍ନିକ ଭାଗୀରଥି ବଳିୟାରସିଂହ, ବାଲ୍ମୀକ ପ୍ରଧାନ ଏବଂ ଚନ୍ଦନ କୁମାର ମହାନ୍ତି ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବିଭୁପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସେବାକେନ୍ଦ୍ର ଅଧିକାରୀ ବେହେରା ବିଦ୍ୟାଳୟର ୧୪୭ଜଣ ବିଦ୍ୟାର୍ଥୀଙ୍କୁ ଉଦାହରଣ ସହ ଅଗ୍ନିର ପ୍ରକାରଭେଦ, ଅଗ୍ନି ନିର୍ବାପନର ବିଭିନ୍ନ ପଦ୍ଧତି, ଜଳରେ ବୁଡ଼ି ଯାଉଥିବା ପୁରୁଷ ଓ ମହିଳାଙ୍କୁ ଉଦ୍ଧାର କରିବା ଉପାୟ, ଗ୍ୟାସ ଲିକେଜ ସମୟରେ ନେବାକୁ ଥିବା ପଦକ୍ଷେପ ଏବଂ ପ୍ରାଥମିକ ଉପଚାର ସମ୍ପର୍କରେ ଆଲଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବେହେରାଙ୍କ ସମେତ ଆଗ୍ନିକମାନେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଆଁଲିଭା ଯନ୍ତ୍ରର ବ୍ୟବହାର ଏବଂ ଗ୍ୟାସ ଟାଙ୍କିରେ ନିଆଁ ଲାଗିଲେ ଲିଭାଇବାର ବିଭିନ୍ନ ପଦ୍ଧତି ପ୍ରଦର୍ଶନ କରି ତାଲିମ ଦେଇଥିଲେ। ଏହାପରେ ସ୍କାଉଟ ମାଷ୍ଟର ବିଚିତ୍ର କୁମାର ଘଡ଼େଇ ଓ ରେଡକ୍ରସ କାଉନସେଲର ସ୍ମିତାସିନ୍ଧୁ ମହାପାତ୍ର ଯଥାକ୍ରମେ ୧୮ଜଣ ସ୍କାଉଟ ଓ ୨୪ଜଣ ରେଡକ୍ରସ ବିଦ୍ୟାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଉପସ୍ଥିତ ଥିବା ଅବଶିଷ୍ଟ ୧୫୬ ବିଦ୍ୟାର୍ଥୀଙ୍କ ମଧ୍ୟରୁ ନବମ ଏବଂ ଦଶମ ବିଦ୍ୟାର୍ଥୀଙ୍କୁ ଶୈବାଳିକା ମଲ୍ଲିକ, ସର୍ଣ୍ଣଲତା ପ୍ରଧାନ ଓ ବିଶ୍ୱଜିତ୍ ସରୋଜ କୁମାର ଷଷ୍ଠରୁ ଅଷ୍ଟମ ଛାତ୍ରୀଛାତ୍ରଙ୍କୁ ଦୀପ୍ତି ରଞ୍ଜନ ଦାସ ଓ ଅଂଶୁମାନ ଧଳ ପ୍ରଥମରୁ ପଞ୍ଚମ ପିଲାଙ୍କୁ ସୌଦାମିନୀ ସୁବୁଦ୍ଧି ଓ ଶ୍ରୋତାଲିନୀ ସାହୁ ମକ୍‌ଡ୍ରିଲ ଉପରେ ତାଲିମ ଦେଇଥିଲେ। ଶେଷରେ ବିଶ୍ୱଜିତ ସରୋଜ କୁମାର ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ନେହଲତା ପାଇକରାୟ ଓ ସସ୍ମିତ କେଦାର କର ସହଯୋଗ କରିଥିଲେ।

# ପିତୃହନ୍ତା ପୁତ୍ରକୁ ଆଜୀବନ ଜେଲ

**କଟକ,୨୬।୬ (କାର୍ତ୍ତିକ ସାହୁ)**

ପିତୃହନ୍ତା ପୁତ୍ରକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କଟକ ଦ୍ୱିତୀୟ ଅତିରିକ୍ତ ସେସନ୍ସ ଅଦାଲତ। ଅଭିଯୁକ୍ତ ଜଣଙ୍କ ହେଲେ ମର୍କତନଗର ସିଡିଏ ସେକ୍ଟର-୭ ଅଞ୍ଚଳର ସନ୍ତୋଷ କୁମାର ସାହୁ। ଏଥିସହ ଅଭିଯୁକ୍ତଙ୍କୁ ୧୦ହଜାର ଟଙ୍କା ଜରିମାନା ମଧ୍ୟ ହୋଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ଅଗଷ୍ଟ ୧୮ ରାତି ୮ଟାରେ ଅଭିଯୁକ୍ତଙ୍କ ମା' ଶୈଳବାଳା ସାହୁ ରାତ୍ରି ଭୋଜନ ପାଇଁ ପରିବା କାଟୁଥିଲେ। ତାଙ୍କ ସ୍ୱାମୀ ମୁରଲୀଧର ଏକ ପ୍ରକୋଷ୍ଠରେ ବସି ଭଗବତ୍ ଗୀତା ପାଠ କରୁଥିଲେ। ଏହି ସମୟରେ ପୁତ୍ର ସନ୍ତୋଷ ଘର ଭିତରକୁ ପ୍ରବେଶ କରିଥିଲେ। ତାଙ୍କ ହାତରେ ଏକ କାଠ ଫାଳିଆ, ପେଟ୍ରୋଲ ବୋତଲ ଓ କପଡ଼ା ଥିଲା। କେହି କିଛି ବୁଝିବା ପୂର୍ବରୁ ବାପା ବସିଥିବା ପ୍ରକୋଷ୍ଠକୁ ଯାଇ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇ ଫେରାର ହୋଇଯାଇଥିଲେ। ଉକ୍ତ ଘର ଭିତରୁ ମୁରଲୀଧର ବାହାରି ନ ପାରି ଚିତ୍କାର କରିଥିଲେ। ଶୈଳବାଳା ଏହା ଦେଖି ନିକଟରେ ଥିବା ରାମମନ୍ଦିର କମିଟିର ସଦସ୍ୟଙ୍କୁ ଡାକିଥିଲେ। ସେମାନେ ବହୁ କଷ୍ଟରେ ନିଆଁକୁ ଆୟତ୍ତ କରିବା ସହ ଅର୍ଦ୍ଧଦଗ୍ଧ ଅବସ୍ଥାରେ ମୁରଲୀଧରଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ମର୍କତନଗରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅଗଷ୍ଟ ୨୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୈଳବାଳାଙ୍କ ଅଭିଯୋଗ ଆଧାରରେ ମର୍କତନଗର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦ୍ୱିତୀୟ ଅତିରିକ୍ତ ସେସନ୍ସ ଅଦାଲତରେ ମାମଲାର ଶୁଣାଣି ହୋଇଥିଲା। ସେସନ୍ସ ଜଜ୍ ସ୍ରୋତସ୍ୱିନୀ କର ମାମଲାର ରାୟ ପ୍ରକାଶ କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି।

# ନିରାକାରପୁର ରେଳ ଫାଟକରେ ଭିଡ଼

**ନିରାକାରପୁର,୨୬।୬(ମାନସ ଚନ୍ଦ୍ର ପଟ୍ଟନାୟକ)**

## ଓଭରବ୍ରିଜ୍ ନିର୍ମାଣ ଦାବି

ଖୋର୍ଦ୍ଧା ଜିଲା ନିରାକାରପୁର ଉପର ବଜାରଠାରେ ଥିବା ରେଳ ଫାଟକରେ ପ୍ରତିଦିନ ଭିଡ଼ ପରିଲକ୍ଷିତ ହେଉଛି। ଫଳରେ ଏହି ଫାଟକ ଦେଇ ଯାତାୟାତ କରୁଥିବା ଲୋକେ, ଛାତ୍ରୀଛାତ୍ର ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରିକି ଭିଡ଼ ସମୟରେ ବାଟୋଇଙ୍କ ମଧ୍ୟରେ ବଚସା ହେଉଥିବା ନଜିର ରହିଛି। ଜଣେ ହୋମଗାର୍ଡ ଏହି ଗେଟ୍ ପାଖରେ ନିୟୋଜିତ ହୋଇଥିବା ବେଳେ ଟ୍ରାଫିକ ଅନିୟନ୍ତ୍ରିତ ଯୋଗୁ ଲୋକେ ମନଇଚ୍ଛା ଗାଡ଼ି ନେଉଛନ୍ତି। ଆଉ ଦିନ କେଇଟା ପରେ ରଥଯାତ୍ରା ରହିଛି। ତେଣୁ ଉକ୍ତ ରାସ୍ତାରେ ଗହଳି ରହିବ। ଏଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ସହ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ହେଉଛି।


ନିରାକାରପୁର ରେଳ ଫାଟକ ରାସ୍ତାରେ ଭିଡ଼।

# ନାଦବ୍ରହ୍ମ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୨୬।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ନାଦବ୍ରହ୍ମ ଅନୁଷ୍ଠାନ ପକ୍ଷରୁ ଗୀତଗୋବିନ୍ଦ ସଦନରେ ଆୟୋଜିତ ନାଦବ୍ରହ୍ମ ସଙ୍ଗୀତ ଉତ୍ସବ-୨୦୨୪ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗର ପ୍ରମୁଖ ଶାସନ ସଚିବ ଡ. ବିଷ୍ଣୁପଦ ସେଠୀ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଗୁରୁ ଗୋପାଳଚନ୍ଦ୍ର ପଣ୍ଡା, ଡ. ଉମେଶ ପାଣିଗ୍ରାହୀ ଏବଂ ନାଦବ୍ରହ୍ମର ଯୁଗ୍ମ ସମ୍ପାଦକ ପ୍ରଦୀପ ବେହେରା ଯୋଗଦେଇଥିଲେ। ନାଦବ୍ରହ୍ମ ପକ୍ଷରୁ ଦୁଇଦିନ ବ୍ୟାପୀ ସଙ୍ଗୀତ, ନୃତ୍ୟ ଓ ସନ୍ଥକବି ଭୀମଭୋଇଙ୍କ ଭଜନ, ଦାସକାଠିଆ କାର୍ଯ୍ୟକ୍ରମକୁ ଉପସ୍ଥିତ ଅତିଥି ପ୍ରଶଂସା କରିଥିଲେ। ଏହି ଅବସରରେ ଦିବାକର ପରିଡ଼ା ଏବଂ ସୀତାଂଶୁ ଶେଖର ରାଉତଙ୍କୁ ଗୁରୁ ଜଗନ୍ନାଥ କୁଅଁର ବାଦ୍ୟ ଓ ସଙ୍ଗୀତ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ଶିଳ୍ପୀ ମହାପାତ୍ର, ମିନତୀ ଭଞ୍ଜ, ନିମାକାନ୍ତ ରାଉତରାୟ, ମହାପ୍ରସାଦ କର, ଅବନ୍ତିକା ପଟ୍ଟନାୟକ, ଶ୍ୱେତା ମିଶ୍ର, ବିଜୟଲକ୍ଷ୍ମୀ ରାଉତରାୟ, ଭାରତୀ ଜେନା, ଜୟସ୍ମିତା କୁଅଁର ପ୍ରମୁଖ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

# ନିଶାମୁକ୍ତ ପାଇଁ ଶପଥ ନେଲେ ଛାତ୍ରୀଛାତ୍ର

**ବୋଲଗଡ଼,୨୬।୬(ଦେବବ୍ରତ ହୋତା)**

ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ନିଶାଦ୍ରବ୍ୟ ସେବନ ନିବାରଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ଅଂଶଗ୍ରହଣ କରି ନିଶାଦ୍ରବ୍ୟ ସେବନରୁ ନିଜକୁ ନିବୃତ୍ତ ରଖିବା, ନିଶା ସେବନ ନ କରିବା ପାଇଁ ଅନ୍ୟକୁ ପ୍ରବର୍ତ୍ତାଇବା, ନିଶାଦ୍ରବ୍ୟ ସେବନ କରୁଥିବା ପରିବାର ସଦସ୍ୟ ଓ ସମ୍ପର୍କୀୟମାନଙ୍କୁ ଏହାକୁ ପରିତ୍ୟାଗ କରିବାକୁ କହିବା ଆଦି ସମ୍ପର୍କରେ ଶପଥପାଠ କରିଥିଲେ। ଏହି ଅବସରରେ ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାର ଓ ଅନ୍ୟମାନେ ନିଶାଦ୍ରବ୍ୟର ବିଭିନ୍ନ ଉଦାହରଣ ଦେଇ ଏହାର ସେବନ ଦ୍ୱାରା ଶରୀର ଉପରେ ପଡୁଥିବା କୁପ୍ରଭାବ ଉପରେ ଆଲୋକପାତ କରିଥିଲେ।



ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଶାଦ୍ରବ୍ୟ ସେବନ ନିବାରଣ ନେଇ ଶପଥପାଠ କରାଯାଉଛି।

# ଥାନାରେ ଅମାନିଆ ପଢ଼ିବେ ଟ୍ରାଫିକ ନିୟମ

**ଭୁବନେଶ୍ୱର,୨୬।୬(ସୂର୍ଯ୍ୟକାନ୍ତ ବେହେରା)**



ଟ୍ରାଫିକ ନିୟମ ଭଙ୍ଗ କଲେ ଉଲ୍ଲଂଘନକାରୀଙ୍କୁ ଜରିମାନାରେ ଦଣ୍ଡିତ କରାଯାଉଛି। ଏପରିକି କୋର୍ଟରୁ ଜବତ ଗାଡ଼ି ମୁକୁଳାଇବାକୁ ନିର୍ଦ୍ଦେଶ ରହିଛି। ଏହାପରେ ବି ପରିସ୍ଥିତିରେ କୌଣସି ସୁଧାର ଆସୁନାହିଁ। ଦିନକୁ ଦିନ ଟ୍ରାଫିକ ନିୟମ ଉଲ୍ଲଂଘନ ଘଟଣା ବୃଦ୍ଧି ପାଉଛି। ସମୟର ମୂଲ୍ୟ ଆଗରେ ଅର୍ଥର ମୂଲ୍ୟ କମ ବୋଲି ହୃଦବୋଧ କରି ଉଲ୍ଲଂଘନକାରୀମାନେ ଜରିମାନା ଦେଇ ଖସିଯିବାକୁ ସୁବିଧା ବାଟ ଭାବେ ଧରି ନେଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଶିକ୍ଷିତ ଶ୍ରେଣୀର। ଏଣୁ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ ନିୟମ ଉଲ୍ଲଂଘନ ରୋକିବାକୁ ଭିନ୍ନ ପନ୍ଥା ଗ୍ରହଣ କରିବାକୁ ଯାଉଛି। ଏଣିକି କୌଣସି ବ୍ୟକ୍ତି ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ତାଙ୍କୁ ଜରିମାନାରେ ଦଣ୍ଡିତ କରାଯିବ ସହ ସଂପୃକ୍ତ ବ୍ୟକ୍ତିଙ୍କୁ ଘଣ୍ଟାଏରୁ ଅଧିକ ସମୟ ଅଟକ ରଖି ସଡ଼କ ସୁରକ୍ଷା କିମ୍ବା ଟ୍ରାଫିକ ନିୟମ ବିଷୟରେ ସଚେତନ କରିବେ । ଉପସ୍ଥିତ ଥିବା ଜଣେ ଟ୍ରାଫିକ କର୍ମଚାରୀ ତାଙ୍କୁ ପଚରାଉଚରା କରିବେ। ସଂପୃକ୍ତ ବ୍ୟକ୍ତି ଜଣଙ୍କ କେଉଁ କାରଣରୁ ନିୟମ ଭାଙ୍ଗିଲେ ସେ ନେଇ ପ୍ରଥମେ ପଚାରି ବୁଝିବେ । ଏହାପରେ ତାଙ୍କୁ ଟ୍ରାଫିକ ନିୟମ ସଂପର୍କରେ ଅବଗତ କରାଇବେ । ଏଥିପାଇଁ ଏଜି ଛକସ୍ଥିତ ଟ୍ରାଫିକ ଥାନା ପରିସରରେ ଏକ ସ୍ୱତନ୍ତ୍ର ଘର ସ୍ଥାପନ ହୋଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଉକ୍ତ ଘରେ ଏକ ପ୍ରୋଜେକ୍ଟର ଲଗାଯାଇଛି । ଯେଉଁଥିରେ ସଂପୃକ୍ତ ଟ୍ରାଫିକ ଉଲ୍ଲଂଘନକାରୀଙ୍କୁ ବିଭିନ୍ନ ସହରର ଟ୍ରାଫିକ ନିୟମ ସଂପର୍କରେ ଅବଗତ କରାଯିବ । ସଂପୃକ୍ତ ବ୍ୟକ୍ତି ଜଣଙ୍କ ଯଦି ସେଠାରେ କୌଣସି ବଦମାସି କରନ୍ତି ତେବେ ତାଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଉକ୍ତ ଘରେ ବସାଯିବ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି । ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ବର୍ତ୍ତମାନ ଭୁବନେଶ୍ୱର ଟ୍ରାଫିକ ପୋଲିସ ପ୍ରତ୍ୟେକ ଦିନ ବିପୁଳ ଟଙ୍କା ଜରିମାନା ଆଦାୟ କରୁଛି । ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । କିନ୍ତୁ ଲୋକେ ସଚେତନ ହେଉନାହାନ୍ତି । ଏଣୁ ଏପରି ପଦକ୍ଷେପ ନିଆଯିବାକୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରାଯାଉଥିବା କହିଛନ୍ତି। ଆଲୋଚନା ପରେ ଏହି ଯୋଜନା ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବା ନିମନ୍ତେ ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି। ଯଦି ଜଣେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଥାନାକୁ ଅଣାଯାଇ ଏକ ଘଣ୍ଟା ବସାଯିବ ତାହା ଦ୍ୱାରା ତାଙ୍କର ସମୟ ନଷ୍ଟ ହେବ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯାଉଥିଲେ ସେଥିରେ ବାଧା ଉପୁଜିବ। ଫଳରେ ସେ ଆଗାମୀ ଦିନରେ ଟ୍ରାଫିକ ନିୟମ ଉଲ୍ଲଂଘନ କରିବେ ନାହିଁ ବୋଲି ଆଶାବାଦୀ ଅଛି ପୋଲିସ।

**ଗଙ୍ଗାଦେବୀ ସମୁଦ୍ରକୂଳରୁ ମୃତ ହରିଣ ଉଦ୍ଧାର**

ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ) ପୁରୀ ଜିଲା ଅସ୍ତରଙ୍ଗ ନିକଟ ଗଙ୍ଗାଦେବୀ ମୁହାଣମୁହଁ ନିକଟରୁ ଏକ ହରିଣର ମୃତଦେହ ଜବତ ହୋଇଛି। ଖବରପାଇ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ଗଙ୍ଗାଦେବୀ ନିକଟକୁ ଆଣିଥିଲେ। ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୧୫ ଲକ୍ଷ ଟଙ୍କା ଧାର ନେଇ ମହିଳା ଫେରାର

ବଳଙ୍ଗା,୨୬।୬(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଞ୍ଚଳରେ ଜଣେ ମହିଳା ଟଙ୍କା ଧାର ନେବା ଆଳ ଦେଖାଇ ସେହି ଅଞ୍ଚଳରୁ ପ୍ରାୟ ୧୫ ଲକ୍ଷ ୫୦ ହଜାର ଟଙ୍କା ଠକି ଫେରାର ହୋଇଯାଇଥିବା ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇ ପ୍ରାଥମିକ ତଦନ୍ତ କରିବା ପରେ ସମ୍ପୃକ୍ତ ମହିଳାଙ୍କ ବିରୋଧରେ ଥାନା କେସ୍ ନଂ. ୧୯୦/୨୪ ଦଫା -୪୨୦ ଆଇପିସି ଆଧାରରେ ମାମଲା ଆଗତ କରିଛି। ସୂଚନା ମୁତାବକ, ଦଳଭାଣପୁର ହରିଜନ ସାହିର ମୀନା ବେହେରାଙ୍କ ଅଭିଯୋଗ ଅନୁସାରେ, ଗ୍ରାମର ଝୁନା ଭୋଇଙ୍କ କିଛି ଟଙ୍କା ଆବଶ୍ୟକ ପଡ଼ିବାରୁ ସେ ମୀନାଙ୍କୁ ଟଙ୍କା ମାଗିଥିଲେ। ମୀନା ତାଙ୍କ ଆକାଉଣ୍ଟରୁ ଟଙ୍କା ଦେବାକୁ ବ୍ୟାଙ୍କ ପାସ୍ ବହି ଦେଇ ଦେଇଥିବାବେଳେ ଝୁନା ଉକ୍ତ ଗ୍ରାମର କେତେଜଣ ମହିଳାଙ୍କ ଆକାଉଣ୍ଟରୁ ପ୍ରାୟ ସାଢେ ୧୫ ଲକ୍ଷ ଟଙ୍କା ଠକି ନେଇ ଫେରାର ହୋଇଯାଇଥିବା ସେ ଅଭିଯୋଗ କରିଛନ୍ତି।

### ମଳଦ୍ୱାରରୁ ବାହାରିଲା ବୋତଲ

ଗୋପ,୨୬।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଜଣେ ୫୫ ବର୍ଷୀୟଙ୍କ ମଳଦ୍ୱାରରୁ ଅସ୍ତ୍ରୋପଚାର ମାଧ୍ୟମରେ ଏକ ବୋତଲ ବାହାର କରାଯାଇଛି। ସେବା ନର୍ସିଂହୋମ ମାଲିକ ଜ୍ଞାନରଞ୍ଜନ ପଣ୍ଡା ଏପରି ସୂଚନା ଦେଇଛନ୍ତି। ଅସ୍ତ୍ରୋପଚାର କରାଯାଇଥିବା ବ୍ୟକ୍ତିଙ୍କ ଘର ରାମଚଣ୍ଡୀ ଥାନା ଅଞ୍ଚଳରେ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଗତ ୨୩ ତାରିଖରେ ଜଣେ ବ୍ୟକ୍ତିଙ୍କ ମଳଦ୍ୱାର ଭିତରେ ଏକ ବୋତଲ ପଶି ଯାଇଥିବାରୁ ତାଙ୍କୁ ପରିବାର ସଦସ୍ୟ ଗୋପର ସେବା ନର୍ସିଂହୋମକୁ ନେଇଥିଲେ। ନର୍ସିଂହୋମ ର ସର୍ଜରି ଡାକ୍ତର ସୌଭାଗ୍ୟ ପଣ୍ଡା ଏହା ଜାଣି ସଙ୍ଗେ ସଙ୍ଗେ ଅସ୍ତ୍ରୋପଚାର କରି ବୋତଲ ବାହାର କରିଥିଲେ। ପରେ ଏହି ଭିଡିଓ ଭାଇରାଲ ହେବାରୁ ଘଟଣା ପଦାକୁ ଆସିଥିଲା।

### ପଡ଼ୋଶୀଙ୍କୁ ଆକ୍ରମଣ ଅଭିଯୋଗରେ ମହିଳା ଗିରଫ

ଅସ୍ତରଙ୍ଗ,୨୬।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ନୂଆଗଡ଼ ସାମୁଦ୍ରିକ ଥାନା ଅଧୀନ ମଧୁପୁର ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ପଡ଼ୋଶୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଜଣେ ମହିଳାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କୁନି ବେହେରା(୩୮)। ଏନେଇ ନୂଆଗଡ଼ ସାମୁଦ୍ରିକ ଥାନା ପୋଲିସ ୩୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନିର୍ବାଚନ ପୂର୍ବରୁ କୁନି ଓ ପଡ଼ୋଶୀ କାମିନୀ ବେହେରାଙ୍କ ମଧ୍ୟରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ପାଟିତୁଣ୍ଡ ହୋଇଥିଲା। କୁନି ଏକ ଧାରୁଆ ଅସ୍ତ୍ରରେ କାମିନୀଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲେ, ଯାହାକୁ ନେଇ ନୂଆଗଡ଼ ସାମୁଦ୍ରିକ ଥାନାରେ କାମିନୀଙ୍କ ସ୍ୱାମୀ ପୂର୍ଣ୍ଣାନନ୍ଦ ବେହେରା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ କୁନିଙ୍କୁ ଗିରଫ କରିଛି।

# ଲୀଳାମୟଙ୍କ ବ୍ରହ୍ମକ୍ଷେତ୍ର ବ୍ରହ୍ମଗିରି

ବ୍ରହ୍ମଗିରି,୨୬।୬(ସ୍ୱାଧୀନ ଚମ୍ପତିରାୟ)



ଯୁଗେ ଯୁଗେ ଭକ୍ତ ପାଇଁ ଭଗବାନ ବିଭିନ୍ନ ଅବତାର ନେଇ ଅନେକ ଲୀଳା ଖେଳା କରିଥାନ୍ତି। କେତେବେଳେ ରାମ ଅବତାରରେ ଶବରୀଠାରୁ ଅଇଁଠା ଖାଇ ମାତୃତ୍ୱକୁ ସମ୍ମାନ ଦେଇଛନ୍ତି ତ ପୁଣି ଅହଲ୍ୟାକୁ ପାଷାଣରୁ ମୁକ୍ତ କରିଛନ୍ତି। କେତେବେଳେ କୃଷ୍ଣ ଅବତାରରେ କୁବୁଜାକୁ ଉଦ୍ଧାର କରିଛନ୍ତି ତ କେବେ ସୁଦାମା ହାତରୁ ଖୁଦ ଭଜା ଖାଇଛନ୍ତି। କେବେ ଦାରୁବ୍ରହ୍ମ ହୋଇ ଦାସିଆବାଉରି ହାତରୁ ନଡ଼ିଆ ନେଇଛନ୍ତି। ପୁଣି ଭକ୍ତ ସାଲବେଗ ପାଇଁ ନନ୍ଦିଘୋଷ ଅଟକାଇ ରଖିଛନ୍ତି। ଲୀଳାମୟଙ୍କ ଏହି ରାମ, କୃଷ୍ଣ, ବୁଦ୍ଧ ଜଗନ୍ନାଥଙ୍କ ଲୀଳା ମଧ୍ୟରୁ ଅଲାରନାଥ ରୂପ ମଧ୍ୟ ଆଉ ଏକ ଲୀଳା। ଭକ୍ତ ପାଇଁ ମହାପ୍ରଭୁ ଜଗନ୍ନାଥ ୧୩ ଦିନ ପାଇଁ ଛୁଟି ଆସନ୍ତି ଦ୍ୱିତୀୟ ଶ୍ରୀକ୍ଷେତ୍ର ବ୍ରହ୍ମକ୍ଷେତ୍ର ବ୍ରହ୍ମଗିରିକୁ। ଆଉ ମହାପ୍ରଭୁଙ୍କ ଲୀଳାଖେଳାରେ ଅଗଣିତ ଭକ୍ତଙ୍କୁ ପାଇ ଏଠାର ଆନନ୍ଦବଜାର ଖୁସି ହୋଇଉଠେ। ଅନବସର ଅର୍ଥାତ ନ ଅବସର। ବା ଅଣସର। ଦେବସ୍ନାନପୂର୍ଣ୍ଣମୀରେ ମହାପ୍ରଭୁ ମହାସ୍ନାନ ପରେ ୧୩ ଦିନ ଧରି ଜ୍ୱରରେ ପଡ଼ନ୍ତି। ଏହି ୧୩ ଦିନ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ନ ଦେଇ ଗୁପ୍ତ ସେବା ପାଇଥାନ୍ତି। ଏହି ୧୩ ଦିନ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ନ ଦେବା ଫଳରେ ବୈଷ୍ଣବ ଭକ୍ତଙ୍କ ମଧ୍ୟରେ ନୈରାଶ୍ୟ ଭାବ ଜାତ ହୋଇଥାଏ। ଭକ୍ତଙ୍କ ଏହି କଷ୍ଟକୁ ଲାଘବ କରିବାକୁ ମହାପ୍ରଭୁ ଜଗନ୍ନାଥ ଅଲାରନାଥଙ୍କ ରୂପରେ ଦର୍ଶନ ଦେଇଥାନ୍ତି। ଅଲାରନାଥଙ୍କୁ ଦର୍ଶନ କରି ଭକ୍ତମାନେ ଜଗନ୍ନାଥ ଦର୍ଶନର ଫଳପ୍ରାପ୍ତି ପାଇଥାନ୍ତି। ଏହି ଭକ୍ତି ଭାବନାକୁ ନେଇ ରବିବାରଠାରୁ ଅଲାରନାଥ ପୀଠରେ ଚାଲିଥିବା ଅନବସର ଦର୍ଶନ ବୁଧବାର ଚତୁର୍ଥ ଦିନରେ ପହଞ୍ଚିଛି। ଅଲାରନାଥ ପୀଠକୁ ଆସୁଥିବା ଭକ୍ତମାନେ ଅନବସର ସମୟରେ ଶ୍ରୀମନ୍ଦିର ସମ ମହାପ୍ରସାଦ ଅଲାରନାଥ ପୀଠରୁ ସେବନ କରିଥାନ୍ତି। ଅଲାରନାଥଙ୍କ ପ୍ରିୟ ଭୋଗ ଖିରି ପ୍ରସାଦ। ଏହି ଆନନ୍ଦ ବଜାରରୁ ଭକ୍ତମାନେ ପ୍ରସାଦ ସେବନ ସମୟରେ ପାଟିରୁ ଆପେ ଆପେ ବାହାରି ପଡେ ଆସ ଅଲାର ଖାଅ ଖିରି। ମହାପ୍ରଭୁ ଅଲାରନାଥଙ୍କ ପ୍ରିୟ ଭୋଗକୁ ନେଇ କିମ୍ବଦନ୍ତୀ ଏବଂ କପିଳ ସଂହିତାରେ ବର୍ଣ୍ଣିତ ଅଛି, ଉପନୟନ ଓ ମନ୍ତ୍ର ଶିଖି ନ ଥିବା ଜଣେ ୫ ବର୍ଷର ବାଳକଙ୍କ ହାତରୁ କ୍ଷୀରି ଖାଇ ନିଜେ ପ୍ରମାଣ କରିଦେଇଛନ୍ତି ଯେ, ଭକ୍ତ ମନରେ ଭାବ ଥିଲେ ତାଙ୍କ ପାଖରେ ମନ୍ତ୍ର ଉପଚାରର ଆବଶ୍ୟକତା ନାହିଁ। ଯୁଗ ଯୁଗ ଏହା ଭକ୍ତଙ୍କୁ ଜଣାଇବାକୁ ଏବେବି ମହାପ୍ରଭୁଙ୍କ ଦେହରେ ଖିରିଖିଆର ଫୋଟକା ଦାଗ ଅଛି। ଖିରି ଅଲାରନାଥଙ୍କ ପ୍ରିୟ ପ୍ରସାଦ ହୋଇଥିବାରୁ ଅନବସର ସମୟରେ ଏହାର ଚାହିଦା ବଢେ। ଏହାର ସ୍ୱାଦ ନିଆରା। ପ୍ରତ୍ୟେକ ଦିନ ୫୦ ହଣ୍ଡା ଖିରି ପ୍ରସ୍ତୁତ ହୋଇଥାଏ। ୧୦ ସେର ଖିରିରେ ଏକ ହଣ୍ଡା ଖିରି ପ୍ରସ୍ତୁତ ହୋଇଥାଏ। ଏଥିରେ ଆବଶ୍ୟକ ଅନୁପାତରେ ଚାଉଳ, ଚିନି ପଡ଼ିଥାଏ। ଏହା ଠାକୁରଙ୍କ ରୋଷଶାଳାରେ ପ୍ରସ୍ତୁତ ହୋଇଥାଏ। ଏହି ଖିରି ବିକ୍ରି ସମ୍ପର୍କରେ ଠାକୁରଙ୍କ ସୁଆର ସେବକ ମାଧବ ସୁଆର କୁହନ୍ତି, ଖିରିକୁ ମାଟି ଓଳିରେ ଦିଆଯାଏ। ବଜାର ଦର ଅନୁଯାୟୀ ଭକ୍ତଙ୍କୁ ସୁହାଇଲା ଭଳି ୨୦ ଟଙ୍କାରୁ ୫୦୦ଟଙ୍କା ପର୍ଯ୍ୟନ୍ତ ଖିରି ଓଳି ବିକ୍ରି ହୁଏ।

## ଆଦ୍ୟ ଦାରୁକ୍ଷେତ୍ରରୁ ଶ୍ରୀକ୍ଷେତ୍ରରେ ପହଞ୍ଚିଲା ଅଣସର ଫଳଭାର



ଅସ୍ତରଙ୍ଗ/କାକଟପୁର,୨୬।୬ (ମମତା ଜେନା/ଶୁଭଦର୍ଶନ ମିଶ୍ର)

ପ୍ରାଚୀ ତଟର ଆଦ୍ୟ ଦାରୁକ୍ଷେତ୍ର ବିଶ୍ୱାମିତ୍ର ଋଷି ମଠରୁ ଅଣସର ଅମୁଣିଆ ଫଳଭାର ବିଧିବିଧାନ ସହ ବୁଧବାର ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ହାତୀ ଆଖଡ଼ା ମଠରେ ଫଳଭାର ପହଞ୍ଚିବା ପରେ ସେଠାରୁ ଶ୍ରୀମନ୍ଦିରରୁ ଯାଇଥିଲା। ଅଣସର ଜ୍ୱରରେ ପୀଡ଼ିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ପଥି ପ୍ରସାଦ ରୂପେ ଏ ଫଳସମ୍ଭାର ଲାଗି କରାଯିବ। ପ୍ରାଚୀତଟସ୍ଥ ମଠ, ମନ୍ଦିର ଓ ସ୍ଥାନୀୟ ଭକ୍ତଙ୍କ ଗୃହରୁ ସଂଗୃହୀତ ଏହି ସ୍ୱାଦିଷ୍ଟ ଫଳଭାର ସହ ମଠମହନ୍ତ ସୁଖରାମ ଦାସଜୀ ମହାରାଜ, ମଠ ପରିଚାଳକ ଜଟାବାବା ଶ୍ରୀମନ୍ଦିରସ୍ଥ ନୃସିଂହ ଚକଡ଼ାରେ ଏହି ଫଳ ସମ୍ଭାର ସମୂହ ସେବାକୁ ସମର୍ପଣ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ରାଧାକାନ୍ତମଠ କରଞ୍ଜପୁର,ଅପସରା ପିଠ ସରିପୁର ସମେତ କାକଟପୁର, ଚାରିଛକ, ଅସ୍ତରଙ୍ଗ ଅଞ୍ଚଳର ଭକ୍ତ ନିଜ ନିଜ ବାଡ଼ିବଗିଚାରେ ଫଳିଥିବା ଆମ୍ବ, ପଣସ, କଦଳୀ, ସପୁରି, ପିଜୁଳି, ଖଜୁରି, ନଡ଼ିଆ ଆଦି ଭିନ୍ନଭିନ୍ନ ଫଳଭାର ଏକାଠି କରି ନାମ ସଂକୀର୍ତ୍ତନରେ ଏକ ସ୍ୱତନ୍ତ୍ର ଗାଡ଼ିରେ ଶ୍ରୀକ୍ଷେତ୍ର ପଠାଇଥିଲେ। ମାଦଳା ପାଞ୍ଜି ଅନୁଯାୟୀ, ମହାରାଜ ଯଯାତି କେଶରୀ ଆଦି ଶଙ୍କରଙ୍କ ମାର୍ଗ ଦର୍ଶନରେ ୧୪୪ ବର୍ଷ ପାତାଳି ପରେ ଶ୍ରୀଜୀଉଙ୍କ ପ୍ରଥମ ନବକଳେବର କରାଇ ଶ୍ରୀମନ୍ଦିର ପର୍ବପର୍ବାଣି, ଯାନିଯାତ୍ରା, ପୂଜାବିଧି ଆଦି ପୁନଃ ପ୍ରଚଳନ କରିଥିଲେ। ପ୍ରାଚୀତଟ ଚାରି ମଠରୁ ଚାରି ବ୍ରହ୍ମଦାରୁ ଆବିର୍ଭାବ ହୋଇଥିବାରୁ ମଠ ଚାରିଟିକୁ ଆଦ୍ୟ ଦାରୁକ୍ଷେତ୍ର ମାନ୍ୟତା ଦେଇ ଶ୍ରୀମନ୍ଦିର ସହ ଏ ମଠଗୁଡ଼ିକୁ ସେବାରେ ଯୋଡ଼ିଥିଲେ। ଶ୍ରୀଜଗନ୍ନାଥଙ୍କ ଆଦ୍ୟ ବ୍ରହ୍ମଦାରୁ ବିଶ୍ୱାମିତ୍ର ମଠରୁ ଯାଇଥିବାରୁ ଏ ମଠକୁ ଅଧିକ ଗୁରୁତ୍ୱ ଦେଇଥିଲେ। ଅନେକ ଦିନ ଧରି ଏସେବା ବନ୍ଦ ରହିଥିବାରୁ ଭକ୍ତ ଜୟଦେବଙ୍କ ବଂଶଜ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ମାର୍ଗଦର୍ଶନରେ ପ୍ରାଚୀତଟବାସୀ ଏ ଦୁର୍ଲଭ ସେବାର ପୁନଃ ପ୍ରଚଳନ ୧୯୯୨ ମସିହାରୁ କରି ଆସୁଛନ୍ତି। ଏବେ ଏବେ ପ୍ରାଚୀକ୍ଷେତ୍ରରୁ ପ୍ରଥମାଷ୍ଟମୀ ଭାର ସମ୍ଭାର ପୂର୍ବପରି ଯିବା ବିଧି ମଧ୍ୟ ଆରମ୍ଭ ହୋଇଗଲାଣି। ଏହି ସେବା ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନରେ ପ୍ରସନ୍ନତା ଭରି ଦେଇଛି।

# ନିଶାମୁକ୍ତ ଭାରତ ପାଇଁ ଛାତ୍ରୀଛାତ୍ରଙ୍କ ଅଭିଯାନ କାର୍ଯ୍ୟକ୍ରମ




ନିଶାମୁକ୍ତ ଭାରତ ଅଭିଯାନରେ ବାହାରିଥିବା ପଦଯାତ୍ରାରେ ଛାତ୍ରୀଛାତ୍ର ।

ନିମାପଡ଼ା,୨୬।୬(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)/ ସାକ୍ଷୀଗୋପାଳ, (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)

ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ଉପଲକ୍ଷେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ପୁରୀ ଜିଲା ପ୍ରଶାସନ ସହାୟତାରେ ପିଙ୍ଗଳାକ୍ଷୀ ପବ୍ଲିକ ୱେଲ୍‌ଫେୟାର ଅର୍ଗାନାଇଜେଶନ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ କର୍ମଶାଳା ବୁଧବାର ନିମାପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ନିଶା ବ୍ୟବସାୟକୁ ରୋକିବା ସହିତ ନିଶାଗ୍ରସ୍ତଙ୍କୁ ନିଶାସେବନରୁ ନିବୃତ ରହିବାକୁ ସଚେତନ କରିବା କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ। ଏହି ଦିବସରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ସହର ପରିକ୍ରମା କରିଥିଲା। ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଅବକାରୀ ଅଧିକାରୀ କମ୍ବୁପାଣି ସିନ୍ଧୁର, ପୌର ପରିଷଦ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ପ୍ରମୁଖ ସବୁଜ ପତାକା ଦେଖାଇ ପଦଯାତ୍ରା ଶୁଭାରମ୍ଭ କରିଥିଲେ। କର୍ମଶାଳାରେ ଅତିଥି ଭାବେ ତହସିଲଦାର ବସନ୍ତ କୁମାର ହାତୀ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ଡ. ଆଶୁତୋଷ ଜେନା, ପୁରୀ ଅବକାରୀ ବିଭାଗ ଇନିସପେକ୍ଟର କମ୍ବୁପାଣି ସୁନ୍ଦର, ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ପିପିଡବ୍ଲ୍ୟୁଓ ସଭାପତି ଗଗନ ବିହାରୀ ଦାଶ, ଉପସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ନିଶା ନିବାରଣ ଉପରେ ବକ୍ତୃତା, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ୨୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର, ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଉପସଭାପତି ମହାନ୍ତି ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ୍, ଶତାଧିକ ଛାତ୍ରୀଛାତ୍ର, ଅବକାରୀ ବିଭାଗ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ବିଶ୍ୱ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ଶିବ ସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ରତ୍ନାକର ସାହୁ ନିଶା ସେବନର ଅପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ ଓ ଅର୍ଥନୀତି ବିଭାଗର ମୁଖ୍ୟ ଜିତେନ୍ ଦାସ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନିଶା ସେବନଠାରୁ ଦୂରେଇ ରହିବାକୁ କହିଥିଲେ। ଅଧ୍ୟାପକ ଦିଲୀପ ବେହେରାଙ୍କ ସହ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ହିସାବ ରକ୍ଷକ ମହେଶ୍ୱର ମିଶ୍ର ଧନ୍ୟବାଦ ଦେଇଥିଲେ।

## ବଳାତ୍କାର ଘଟଣାକୁ ଚପାଇ ଦେବାକୁ ମିଥ୍ୟା ମାମଲା ରୁଜୁ

ଯୋଗେଶ୍ୱରପୁର,୨୬।୬(ରଶ୍ମିରଞ୍ଜନ ସାହୁ)

ଜଣେ ମହିଳାଙ୍କୁ ପାନବରଜ ଭିତରେ ବଳାତ୍କାର ଉଦ୍ୟମ କରୁଥିବା ନେଇ ଅଭିଯୋଗ ହେବା ପରେ ଉକ୍ତ ଘଟଣାକୁ ଚପାଇଦେବାକୁ ଯୁବକ ଜଣଙ୍କ ଏକ ମିଥ୍ୟା ମାମଲା ରୁଜୁ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ୨୩ ତାରିଖରେ ଘଟିଥିବାବେଳେ ପୋଲିସ ୩ ଦିନ ବିଳମ୍ବରେ ବୁଧବାର ୧୯୯/୨୦୨୪ ଦଫା ୩୫୪(କ), ୩୫୪(ଖ), ୩୫୪(ଗ) ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସମ୍ପୃକ୍ତ ଅଭିଯୁକ୍ତ ପ୍ରକାଶ ରାଉତଙ୍କ କହିବା ଅନୁସାରେ, ମହିଳାଙ୍କ ସ୍ୱାମୀ ତାଙ୍କଠାରୁ ୫ ହଜାର ଟଙ୍କା ଧାର ନେଇଥିଲେ। ସେହି ଟଙ୍କା ମାଗିବାକୁ ସେ ପାନ ବରଜ ଭିତରକୁ ଯାଇଥିଲେ। ହେଲେ ମହିଳା ଜଣଙ୍କ ଏପରି ମିଥ୍ୟା ଅଭିଯୋଗ ଆଣୁଛନ୍ତି କହି ତାଙ୍କ ସ୍ୱାମୀଙ୍କ ବିରୋଧରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୨୦୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଇସାଣପୁର ପଞ୍ଚାୟତ ଭାଜପା ସଭାପତି ଲିଙ୍ଗରାଜ ସ୍ୱାଇଁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ୩ ଦିନ ଧରି ଉକ୍ତ ଘଟଣାକୁ ଫଇସଲା କରିବାକୁ ଚାପ ପକାଯାଉଥିବାବେଳେ ମହିଳା ଜଣଙ୍କ ଏଥିରେ ରାଜି ନ ହେବାରୁ ମହିଳାଙ୍କ ସ୍ୱାମୀଙ୍କ ନାମରେ ପୋଲିସ ଟଙ୍କା ନେଇ ମିଥ୍ୟା କେସ୍ କରିଛି। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରା ନ ଗଲେ ଆଗାମୀ ଦିନରେ ସମ୍ପୃକ୍ତ ମହିଳା ଜଣଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରିବେ ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାରଙ୍କୁ ପଚାରିବାରେ, ଟଙ୍କା କଥାକୁ ଅସ୍ୱୀକାର କରି କହିଛନ୍ତି, ଅଭିଯୋଗ ଆସିଲା ଆମେ କେସ୍ କରିଛୁ। ତଦନ୍ତ ଚାଲିଛି। ଏ ଦିଗରେ ପୁରୀ ଏସ୍‌ପି ପିନାକ ମିଶ୍ର ଦୃଷ୍ଟିଦେବାକୁ ସମ୍ପୃକ୍ତ ମହିଳା ଜଣଙ୍କ ନିବେଦନ କରିଛନ୍ତି।

## ଶିକ୍ଷକ ପ୍ରଶିକ୍ଷକଙ୍କ ବିଦ୍ୟାଳୟ ପରିଦର୍ଶନ, ସମୀକ୍ଷା ବୈଠକ




ଶିକ୍ଷକ ପ୍ରଶିକ୍ଷକଙ୍କ ବିଦ୍ୟାଳୟ ପରିଦର୍ଶନ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

କଣାସ,୨୬।୬(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ରତିକାନ୍ତ ସାହୁ ବୁଧବାର କଣାସ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏଥିସହ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ସାଧନକେନ୍ଦ୍ର ସଂଯୋଜକଙ୍କୁ ନେଇ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଚଳିତବର୍ଷର ପ୍ରଥମ ମାସିକ ସାଧନକେନ୍ଦ୍ର ସ୍ତରୀୟ ବୈଠକରେ ଆଲୋଚିତ ପ୍ରସଙ୍ଗ କିପରି ବିଦ୍ୟାଳୟରେ ରୂପାୟନ ହେଉଛି, ତାହାର ତଦାରଖ ପାଇଁ ସାହୁ ନାନକେରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସିରେଇ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅପରାହ୍ନରେ ସେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ଗ୍ରହଣ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନାର ସଫଳତାର ସମୀକ୍ଷା କରିଥିଲେ। ଏଥିସହ ଏଫ୍.ଏଲ୍.ଏନ୍ ଗ୍ରେଡ୍‌ର ଛାତ୍ରୀଛାତ୍ରଙ୍କ ଶିକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବ୍ଲକର ସାଧନକେନ୍ଦ୍ର ସଂଯୋଜକଙ୍କ ସହିତ ଆଲୋଚନା କରିଥିଲେ। ବୈଠକରେ ବ୍ଲକର ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ସୂର୍ଯ୍ୟନାରାୟଣ ନାୟକ ଏବଂ ବିନୋଦ ବିହାରୀ ସେଠୀଙ୍କ ସମେତ ସାଧନକେନ୍ଦ୍ର ସଂଯୋଜକ ଅଂଶଗ୍ରହଣ କରିଥିଲେ।

## ଅଷ୍ଟମ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ଗୋପ,୨୬।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଓରୁଆଳି ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଗୋପ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦନ ବାରିକ (୨୨)। ଏନେଇ ପୋଲିସ ୧୯୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ତେବେ ଅଭିଯୁକ୍ତ ଜଣଙ୍କ ବିବାହିତ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଛାତ୍ରୀ ଜଣଙ୍କ ୨୪ ତାରିଖ ଅପରାହ୍ନରେ ଟ୍ୟୁଶନରୁ ଘରକୁ ଫେରୁଥିବା ସମୟରେ ଚନ୍ଦନ ତାଙ୍କୁ ବାଇକ୍‌ରେ ବସାଇ ଘରେ ଛାଡ଼ିବା ବାହାନାରେ ଅସଦାଚରଣ କରିଥିବା ଛାତ୍ରୀଙ୍କ ବାପା ଲିଖିତ ଅଭିଯୋଗ କରିଥିଲେ।

# ନୃତ୍ୟ, ସଙ୍ଗୀତ ଶରୀର ଓ ମାନସିକତାକୁ ସୁସ୍ଥ ରଖେ

ସାକ୍ଷୀଗୋପାଳ,୨୬।୬ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

**ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପିତ**

ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ଓଡ଼ିଶୀ ନୃତ୍ୟ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁ ଲିଙ୍ଗରାଜ ସ୍ୱାଇଁ ଏଥିରେ ତତ୍ତ୍ୱାବଧାନ କରିଥିଲେ। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ଭାଷ୍ୟକାର ଡ. ଅଭିମନ୍ୟୁ ବରାଳ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନା ଉପରେ ପିଲାଙ୍କୁ ବୁଝାଇଥିଲେ ଏବଂ ପୁରାତନ ସଙ୍ଗୀତ ଲାବଣ୍ୟବତୀର କିଛି ପଦ ଗାଇ ପିଲାଙ୍କୁ ଉଦ୍‌ବୁଦ୍ଧ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷାବିତ୍ ପ୍ରଫେସର ବୃନ୍ଦାବନ ରଥ ଯୋଗଦେଇ ଶିଳ୍ପୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ ସମୟରେ ନିଜର ଆତ୍ମବିଶ୍ୱାସ ଓ ଏକାଗ୍ରତା ବଳରେ ପଞ୍ଚେନ୍ଦ୍ରୀୟକୁ ଉତ୍କୃଷ୍ଟ ନୃତ୍ୟ ପରିବେଷଣରେ ସାମିଲ କରନ୍ତି। ଏହା ସେମାନଙ୍କ ଶରୀର ଓ ମାନସିକତାକୁ ସୁସ୍ଥ ରଖିଥାଏ। ଖବରଦାତା ତଥା ବରିଷ୍ଠ ସେବାୟତ କିଶୋର ଚନ୍ଦ୍ର ମହାପାତ୍ର ସାକ୍ଷୀଗୋପାଳ ଅଞ୍ଚଳରେ ପାରମ୍ପରିକ ନୃତ୍ୟ ସଙ୍ଗୀତ ଉଜ୍ଜୀବିତ ରଖିବା ଦିଗରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର ଓ ଉପସଭାପତି ବ୍ରଜକିଶୋର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାରେ ପିଲାମାନେ ସକାଳ ୭ଟାଠାରୁ ଆସି ଯୋଗ ଶିକ୍ଷା ଓ ବ୍ୟାୟାମ ସହିତ ନୃତ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ମୁଦ୍ରା, ତାଳ, ଭଙ୍ଗୀ ତଥା ସାମଗ୍ରିକ ଭାବରେ କିପରି ସରସ ସୁନ୍ଦର ଭାବରେ ନୃତ୍ୟ ପରିବେଷଣ କରିବେ ଏବଂ ସାହିତ୍ୟିକ ବ୍ୟାଖ୍ୟାକୁ ବୁଝି ନୃତ୍ୟାଭିନୟ କରିପାରିବେ, ଏହାହିଁ ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ଆମ ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ଏବଂ ନୂତନ ପିଢ଼ିଙ୍କ ମଧ୍ୟରେ ଚେତନା ଜାଗ୍ରତ କରିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ ବୋଲି ମହାବିଦ୍ୟାଳୟ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ କହିଥିଲେ। ନୃତ୍ୟଗୁରୁ ଚିରସ୍ରୋତା ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିଥିବା ଓଡ଼ିଶୀ, ଗୋଟିପୁଅ, ମାହାରୀ ଓ କ୍ଷୁଦ୍ର ନୃତ୍ୟ ନାଟିକା ପରିବେଷଣ ବେଶ ଆକର୍ଷଣୀୟ ହୋଇଥିଲା।



ଓଡ଼ିଶୀ ନୃତ୍ୟ କର୍ମଶାଳା ଅବସରରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଘୋରଡ଼ିଆରେ ଗୋଷ୍ଠୀକନ୍ଦଳ, ବୋମାମାଡ଼

**ପୋଲିସ ପ୍ରଶାସନ ଉପସ୍ଥିତିରେ ଶାନ୍ତି କମିଟି ବୈଠକ**

ଡେଲାଙ୍ଗ,୨୬।୬(ରଶ୍ମିରଞ୍ଜନ ପ୍ରଧାନ)



ବୈଠକରେ ପୁରୀ ଏସ୍‌ପି ପିନାକ ମିଶ୍ରଙ୍କ ସହ ଅନ୍ୟ ଅଧିକାରୀମାନେ ।

ଡେଲାଙ୍ଗ ଥାନା ଅଧୀନ ଘୋରଡିଆ ଗ୍ରାମରେ ପୂର୍ବ ଶତ୍ରୁତାରୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଆକ୍ରମଣ ଓ ୨ ଜଣଙ୍କୁ ଗିରଫ କରିବାକୁ ନେଇ ମଙ୍ଗଳବାର ରାତିରେ ବିଜେବି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ବୋମାମାଡ଼ ହୋଇଥିଲା। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୁରୀ ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେଲାଙ୍ଗ ଆଇଆଇସି ଦେବାଶିଷ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆଇନ ଶୃଙ୍ଖଳା ରକ୍ଷା କରିବାକୁ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରି ଶାନ୍ତି କମିଟି ନିମନ୍ତେ ଆହ୍ୱାନ କରିଥିଲେ। ଏନେଇ ବୁଧବାର ଡେଲାଙ୍ଗ ଥାନା ପରିସରରେ ଅତିରିକ୍ତ ଏସ୍‌ପି ପତିଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ଏସ୍‌ଡିପିଓ ପତି, ଡେଲାଙ୍ଗ ତହସିଲଦାର ସନ୍ତୋଷିନୀ ଦାଶ, ଡେଲାଙ୍ଗ ଆଇଆଇସି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଲାଗିଥିବା ବିବାଦ ବାବଦରେ ଆଲୋଚନା କରିବା ସହ ଶାନ୍ତି ପ୍ରସ୍ତାବ ଦେଇଥିଲେ। ଏଥିସହ ପୂର୍ବରୁ ଥିବା ଶାନ୍ତି କମିଟିକୁ କିପରି କ୍ରିୟାଶୀଳ କରାଯିବ, ସେନେଇ ଆଲୋଚନା ହୋଇଥିଲା। ଆସନ୍ତା ୨୮ ତାରିଖରେ ଶାନ୍ତି କମିଟିରେ ଆଖପାଖ ଅଞ୍ଚଳର ନୂତନ ସଦସ୍ୟଙ୍କୁ ସାମିଲ କରାଯାଇ କମିଟିକୁ କ୍ରିୟାଶୀଳ କରିବା ଓ ସ୍ଥାନୀୟ ପ୍ରଶାସନ ସହାୟତାରେ ଗ୍ରାମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ସାକିର ଖାନ୍, ରମେଶ ପାଟଶାଣି, ପ୍ରକାଶଚନ୍ଦ୍ର ପାତ୍ର, ଅବଦୁଲ ୱାହିଦ୍ ଖାନ୍, ରାସିଦ ଖାନ୍, ଅନ୍ନପୂର୍ଣ୍ଣା ରଣଜିତ୍, ଦୟାନିଧି ମାର୍ଥା, ସୁଶାନ୍ତ ବେହେରା, ମହମ୍ମଦ୍ ଖାନ୍, ବାବୁ ଖାନ୍, ଅଜିତ୍ ସାହା, ହାଇଦର ଖାନ୍, ପ୍ରଫୁଲ୍ଲ ଜେନା, ରବୀନ୍ଦ୍ର ସାହୁଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବୈଠକରେ ଅଂଶଗ୍ରହଣ କରିଥିଲେ। ସୂଚନା ଥାଉକି, ଗତ ୨୧ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିଲା। ଫଳରେ ସେ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେହିଦିନଠାରୁ ଗ୍ରାମରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ ମଧ୍ୟ କରିଛି। ତେବେ ଏହି ଘଟଣାକୁ କେନ୍ଦ୍ରକରି ମଙ୍ଗଳବାର ରାତିରେ ଲାଇନ୍ କଟିଥିବାବେଳେ ବିଜେବି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ କେତେଜଣ ଦୁର୍ବୃତ୍ତ ବୋମାମାଡ଼ କରିଥିଲେ। ଖବରପାଇ ପୁରୀ ଏସ୍‌ପିଙ୍କ ସମେତ ଆଡିସନାଲ ଏସ୍‌ପି, ପିପିଲି ଏସଡିପିଓ, ଡେଲାଙ୍ଗ ଆଇଆଇସି ପ୍ରମୁଖ ରାତିରେ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବାକୁ ୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ବୁଧବାର ସକାଳେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଫୁଟା ବୋମାର ଛିଣ୍ଡା ସୁତୁଲି, ଗୋଡ଼ି ଓ ବିଭିନ୍ନ ଅଂଶବିଶେଷ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ରାତି ୮ଟାରେ ଘୋରଡିଆ ବଜାରରେ ସମସ୍ତ ଦୋକାନ ବନ୍ଦ କରାଯିବା ସହିତ ରାତି ୯ଟା ଭିତରେ ସମସ୍ତ ଲୋକ ବଜାର ଛାଡ଼ି ନିଜନିଜ ଘରକୁ ଫେରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟପଟେ ବୋମାମାଡ଼ କରିଥିବା ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ମହାନ୍ତି ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**କଟକ ସଦର, ୨୬।୬(ସୁଶାନ୍ତ କୁମାର ଜେନା)**

କଟକ-ପାରାଦୀପ ରାସ୍ତାର ଫକୀରପଡ଼ା ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଜଗତ୍‌ସିଂପୁର ଜିଲ୍ଲା ପୁନଙ୍ଗ ଗ୍ରାମର ସେବକ ବେହେରା(୨୨)ଙ୍କ ମୃତ୍ୟୁ ଘଟିଛି। ସେବକ ବାଇକ୍(ନଂ. ଓଡି୦୫ବିଜି-୬୦୧୮)ରେ କଟକ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା କାର୍ (ନଂ.ଓଡ଼ି୩୩ଏଏଚ୍-୨୦୬୨) ସହ ଧକ୍କା ହୋଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ଚିକିତ୍ସା ଲାଗି ସ୍ଥାନୀୟ ଲୋକମାନେ ତାଙ୍କୁ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ କନ୍ଦରପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା।

## ବ୍ଲକ କାର୍ଯ୍ୟାଳୟ ପରିସରରେ ଚାରାରୋପଣ

**କଟକ ସଦର, ୨୬।୬(ସୁଶାନ୍ତ କୁମାର ଜେନା)**

ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ବୁଧବାର କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମିଶନ ଶକ୍ତି ବ୍ଲକ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ବିରଞ୍ଚି କୁମାର ପଣ୍ଡାଙ୍କ ସମେତ ବ୍ଲକ୍ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ପରେ ବିଧାୟକ ସେଠୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

## ନୂଆବଜାର ସଙ୍କୁଳ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ

**କଟକ ସଦର, ୨୬।୬(ସୁଶାନ୍ତ କୁମାର ଜେନା)**

କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ନୂଆବଜାର ସଙ୍କୁଳର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା ସମିତି ଉପସଭାପତି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ଜେନା ଅତିଥି ପରିଚୟ ଓ ସଙ୍କୁଳ ସଂଯୋଜକ ମନୋଜ ରଞ୍ଜନ ସେଠୀ କାର୍ଯ୍ୟଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଦ୍ୟା ମନ୍ଦିରର ନୂତନ ପ୍ରଧାନ ଆଚାର୍ଯ୍ୟ ଭାବେ ଯୋଗ ଦେଇଥିବା ପ୍ରଭାକର ବେହେରାଙ୍କୁ ସ୍ୱାଗତ କରାଯାଇଥିଲା। ସଙ୍କୁଳ ପ୍ରମୁଖ ଅକ୍ଷୟ କୁମାର ମହାନ୍ତି କାର୍ଯ୍ୟଶାଳାରେ ମାର୍ଗଦର୍ଶନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଭୂତି ଭୂଷଣ ଦାଶ ଯୋଗଦେଇଥିଲେ। ସମ୍ପାଦକ ନବଘନ ରାଉତ ଧନ୍ୟବାଦ ଦେଇଥିଲେ।

## ଝୁଲି ରହିଛି ରେଳ ସୁରକ୍ଷା ବାଡ଼

**ବାରଙ୍ଗ, ୨୬।୬(ଲିଙ୍ଗରାଜ ରାଉତ)**

କଣ୍ଠାପାଟଣା ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ପାର୍ଶ୍ୱରେ ଥିବା ରେଳ ଅଣ୍ଡରପାସ ପୂର୍ବରୁ ରହିଥିବା ସୁରକ୍ଷା ବାଡ଼କୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କା ଦେଇଛି। ଗାଡ଼ି ଧକ୍କାରେ ସୁରକ୍ଷା ବାଡ଼ଟି ବିପଦସଙ୍କୁଳ ଅବସ୍ଥାରେ ରାସ୍ତା ଉପରକୁ ଢ଼ଳି ହୋଇ ରହିଥିବା ଦେଖିବାକୁ ମିଳିଛି। ଫଳରେ ଏହି ବାଟ ଦେଇ ଯାତାୟାତ କରୁଥିବା ଜନସାଧାରଣ ଏବଂ ଯାନବାହନ ପ୍ରତି ଏହା ବିପଦ ସୃଷ୍ଟି କରୁଛି। ରେଳ ଅଣ୍ଡରପାସ ତଳେ ଅଧିକ ଉଚ୍ଚତା ଥିବା ଯାନବାହନ ଯାତାୟାତ ନ କରିବା ପାଇଁ ଏହି ସୁରକ୍ଷା ବାଡ଼ଟି ଲଗାଯାଇଥିଲା। ପ୍ରତ୍ୟହ ଏହି ରାସ୍ତାରେ ଆଖପାଖ ଅଞ୍ଚଳର ଶତାଧିକ ଜନସାଧାରଣ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଯାତାୟତ କରିଥାନ୍ତି। ସୁରକ୍ଷା ବାଡ଼ଟି ଏଭଳି ବିପଦ ସଙ୍କୁଳ ଅବସ୍ଥାରେ ରାସ୍ତାକୁ ଢ଼ଳି ହୋଇ ରହିବା ଫଳରେ ଯାତାୟାତ ପାଇଁ ନିରାପଦ ମଣୁ ନାହାନ୍ତି।

# ୨୦୨୫ ସୁଦ୍ଧା ସରିବ କ୍ଲିନିକାଲ ବ୍ଲକ୍ ନିର୍ମାଣ

**କଟକ, ୨୬।୬(କାର୍ତ୍ତିକ ସାହୁ)**



ସମୀକ୍ଷା ବୈଠକରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲଙ୍କ ସମେତ ଅନ୍ୟମାନେ।

**ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା ବୈଠକ**

- ସାଢ଼େ ୬ ଏକର ଜମିରେ ହେବ ପାର୍କିଂ ବ୍ଲକ
- ଖୁବ୍‌ଶୀଘ୍ର ସରିବ ଗ୍ରୀଡ୍ ପାୱାର ଷ୍ଟେଶନ କାର୍ଯ୍ୟ
- ମନ୍ଥର ଗତି କାମକୁ ନେଇ ଅଧ୍ୟକ୍ଷଙ୍କ ଅସନ୍ତୋଷ

ଏସ୍‌ସିବି ମେଡିକାଲର ବିଶ୍ୱସ୍ତରୀୟ ଏମ୍ସ ପ୍ଲସ୍ ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ୨୦୨୫ ଡିସେମ୍ବର ସୁଦ୍ଧା ଏସ୍‌ସିବିର ୪ଟି ନୂତନ କ୍ଲିନିକାଲ ବ୍ଲକ୍‌ର ନିର୍ମାଣ କାର୍ଯ୍ୟ ଶେଷ ହେବ। ଏଥିସହ ୨୦୨୫ ଜୁନ୍ ସୁଦ୍ଧା ରେସିଡେନ୍ସିଆଲ ବ୍ଲକ୍‌ର ନିର୍ମାଣ କାର୍ଯ୍ୟ ଶେଷ ହେବ। ନିର୍ମାଣ କାର୍ଯ୍ୟକୁ ନେଇ ଦେଖାଦେଇଥିବା ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରାଯିବ ବୋଲି ଗୁରୁତ୍ୱାରୋପ କରିଛନ୍ତି କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ।

ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତି ନେଇ ସିଡିଏ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷ ସାମଲ ପୌରୋହିତ୍ୟ କରି ଏମ୍ସ ପ୍ଲସ୍ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ନିର୍ମାଣ କାର୍ଯ୍ୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଶେଷକରି ଗୃହ ନିର୍ମାଣ ସାମଗ୍ରୀ ବାଲି ଓ ଚିପ୍ସ ଯୋଗାଣରେ ସମସ୍ୟା, ଇଲେକ୍ଟ୍ରିକାଲ୍ ପାୱାର୍ ସପ୍ଲାଇ ପାଇଁ କେବୁଲ ବିଛା କାର୍ଯ୍ୟ, ଗ୍ରୀଡ୍ ପାୱାର୍ ଷ୍ଟେଶନ ନିର୍ମାଣ ଓ ପାର୍କିଂ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବାକୁ ସ୍ଥିର ହୋଇଥିଲା। ବାଲି ଓ ଚିପ୍ସ ଯୋଗାଣ ସମସ୍ୟାର ସମାଧାନ ପାଇଁ କଟକ ଏବଂ ଯାଜପୁର ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଇଲେକ୍ଟ୍ରିକାଲ୍ ପାୱାର୍ ସପ୍ଲାଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ୱାଟ୍‌କୋ, ପିଡବ୍ଲ୍ୟୁଡି, ଓପିଟିସିଏଲ୍, ଟିପିସିଓଡିଏଲ୍‌କୁ ରିଂରୋଡ୍ ପାର୍ଶ୍ୱରେ କେବୁଲ ବିଛା କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏମ୍ସ ପ୍ଲସ୍ ପାଇଁ ତାଳଦଣ୍ଡା କେନାଲ ନିକଟରେ ନିର୍ମାଣାଧୀନ ଗ୍ରୀଡ୍ ପାୱାର ଷ୍ଟେଶନ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଉଚ୍ଛେଦ କରାଯାଇଥିବା ୩୦ ଜଣ ଦୋକାନୀଙ୍କୁ ରାଣୀହାଟ କ୍ଲକ୍ ଟାୱାର ନିକଟରେ ନିର୍ମାଣ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ସେହିପରି ନଦୀ ବାଲିରେ ପାର୍କିଂ ବ୍ୟବସ୍ଥା କରା ନ ଯାଇ ଏମ୍ସ ପ୍ଲସ୍ କ୍ୟାମ୍ପସ୍ ମଧ୍ୟରେ ବ୍ୟବସ୍ଥା କରାଯିବାକୁ ୬.୫ ଏକର ଜମି ଚିହ୍ନଟ କରାଯାଇଥିବା ସୂଚନା ଦିଆଯାଇଛି। ସିଡିଏ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ବିଜୟ କୁମାର ଦାସଙ୍କ ସମେତ ୱାଟ୍‌କୋ, ଆର୍‌ଏଣ୍ଡବି, ଓପିଟିସିଏଲ, ଟିପିସିଓଡିଏଲ, ଓବିସିସି, ନାଗାର୍ଜୁନ ଓ ଏଲ୍‌ଆଣ୍ଡଟିର ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପରେ ୧୩ଟି ରେସିଡେନ୍ସିଆଲ ନିର୍ମାଣ କାର୍ଯ୍ୟ ନାଗାର୍ଜୁନ ନାମକ ସଂସ୍ଥାକୁ ଦିଆଯାଇଥିଲାବେଳେ କ୍ଲିନିକାଲ ବ୍ଲକ୍‌ର ୪ଟି ପ୍ରକଳ୍ପକୁ ଏଲ୍‌ଏଣ୍ଡଟିକୁ ଦିଆଯାଇଛି। ୨ ହଜାର ୮୮୦ କୋଟି ଟଙ୍କା ବ୍ୟୟରେ ଏସ୍‌ସିବିର କ୍ଲିନିକାଲ ବ୍ଲକ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।

## କଟକ ସହରରେ ହେବ ୫ ଲକ୍ଷ ଚାରାରୋପଣ

**କଟକ, ୨୬।୬(କାର୍ତ୍ତିକ ସାହୁ)**

ଚଳିତ ବର୍ଷାଋତୁରେ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ପ୍ରାୟ ୫ ଲକ୍ଷ ଚାରା ରୋପଣ କରାଯିବାକୁ ଯୋଜନା ହୋଇଛି। ଏହାଦ୍ୱାରା ସହରର ସୌନ୍ଦର୍ଯ୍ୟକରଣ ସହିତ ପ୍ରଦୂଷଣମୁକ୍ତ ହେବ। ସିଏମ୍‌ସି ପକ୍ଷରୁ ଏନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ସମ୍ମିଳନୀ କକ୍ଷରେ ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚାରାରୋପଣ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। କଟକ ମହାନଗର ନିଗମ ଅଞ୍ଚଳର ଭିନ୍ନ ଭିନ୍ନ ସ୍ଥାନ, ସହରର ପ୍ରମୁଖ ସ୍ଥାନ, ସମସ୍ତ ପାର୍କ, ସ୍କୁଲ, କଲେଜ, ଖୋଲା ସ୍ଥାନ ଆଦିରେ ଚାରାରୋପଣ କରାଯିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଏହି ବୈଠକରେ ସିଏମ୍‌ସି କମିଶନର ବିଜୟ କୁମାର ଦାସ, ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ, ଆସିଷ୍ଟାଣ୍ଟ ଫରେଷ୍ଟ ଅଫିସର ସିଦ୍ଧାର୍ଥ ଶଙ୍କର ସାହୁ, ଉପ ଆୟୁକ୍ତ (ପ୍ଲାଣ୍ଟ ଆଣ୍ଡ୍ ପ୍ଲାଣ୍ଟେଶନ) ବୃନ୍ଦାବନ ସାହୁ, ଉପଆୟୁକ୍ତ ଅମୃତ ସରକାର, ଉପଆୟୁକ୍ତ ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତାପଦ୍ମା ଡି. ଶତପଥି, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ସିଏମ୍‌ସି ଆସିଷ୍ଟାଣ୍ଟ କମିଶନର ତ୍ରିନାଥ ବେହେରା, ସିଏମସି ବିତ୍ତ ଅଧିକାରୀ ସତୀଶ କୁମାର ମିଶ୍ର, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ମୂଲ୍ୟାୟନ ପଦ୍ଧତି ଆଧାରରେ ପ୍ରକାଶ ପାଇବ ଓଷ୍ଟା ଦଶମ ଟେଷ୍ଟ ପେପର୍ସ



ନୟାସଡ଼କସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ଟେଷ୍ଟପେପର୍ସ ଉନ୍ମୋଚନ କରାଯାଉଛି।

**କଟକ, ୨୬।୬ (କାର୍ତ୍ତିକ ସାହୁ)**

ଆସନ୍ତା ବର୍ଷ ଦଶମ ବୋର୍ଡ ପରୀକ୍ଷା ନିମନ୍ତେ ନୂତନ ମୂଲ୍ୟାୟନ ପଦ୍ଧତି ଆଧାରରେ ଦଶମ ଶ୍ରେଣୀର ଓଷ୍ଟା ଟେଷ୍ଟପେପର୍ସ ପ୍ରସ୍ତୁତ ହୋଇଛି। ଏହି ଟେଷ୍ଟପେପର୍ସ ଆସନ୍ତା ୨୮ ତାରିଖରେ ନୟାସଡ଼କସ୍ଥିତ ଓଷ୍ଟା ମୁଖ୍ୟ କାର୍ଯ୍ୟାଳୟରେ ପ୍ରକାଶ ପାଇବ। ଏଥିରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର ଉପଲବ୍ଧ ରହିଛି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଚଳିତବର୍ଷ ବୋର୍ଡର ନିର୍ଦ୍ଧାରିତ ପାଠ୍ୟଖସଡ଼ା ଅନୁଯାୟୀ ଉକ୍ତ ଟେଷ୍ଟ ପେପର୍ସକୁ ପ୍ରସ୍ତୁତ କରିଛି ବୋଲି ଓଷ୍ଟା ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି। ସେହିଦିନ ଓଷ୍ଟା ଟେଷ୍ଟ ପେପର୍ସ ବିକ୍ରି କରାଯିବ ଓ ବଜାରରେ ଉପଲବ୍ଧ ହେବ। ଚଳିତବର୍ଷର ବୋର୍ଡ ପରୀକ୍ଷା ଓ ମୂଲ୍ୟାୟନ ବ୍ୟବସ୍ଥା ସମ୍ପର୍କରେ ବୋର୍ଡ ପକ୍ଷରୁ ଯେଉଁସବୁ ପଦ୍ଧତି ପ୍ରକାଶିତ ହୋଇଛି, ସେଥିମଧ୍ୟରୁ ଯେଉଁସବୁ ବ୍ୟବସ୍ଥା ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ପାଇଁ ଆବଶ୍ୟକ ହେବ ନାହିଁ ସେସବୁ ବିଷୟ ସଂଶୋଧନ ପାଇଁ ଓଷ୍ଟା ଆଗାମୀ ଦିନରେ ବୋର୍ଡ ଓ ରାଜ୍ୟ ସରକାରଙ୍କ ପାଖରେ ପ୍ରସ୍ତାବ ରଖିବ ବୋଲି ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ଓଷ୍ଟା ଟେଷ୍ଟପେପର୍ସ ପ୍ରସ୍ତୁତି ଦାୟିତ୍ୱରେ ଥିବା ସମ୍ପାଦକ ବିଜୟ କୁମାର ଛତ୍ର ଉପସ୍ଥିତ ଥିଲେ।




ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ କାରବାର ନିରୋଧ ଦିବସ ପାଳନ ଅବସରରେ ବୁଧବାର ଜିଲା ପ୍ରଶାସନ ପକ୍ଷରୁ କଟକ ଚଣ୍ଡୀ ଛକ ନିକଟରୁ ବାହାରିଥିବା ସଚେତନତା ସାଇକେଲ ଶୋଭାଯାତ୍ରା।

## ପିତୃହତ୍ୟା ମାମଲା: ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**କଟକ, ୨୬।୬ (କାର୍ତ୍ତିକ ସାହୁ)**

ପିତୃହନ୍ତା ପୁତ୍ରକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କଟକ ଦ୍ୱିତୀୟ ଅତିରିକ୍ତ ସେସନ୍ସ ଅଦାଲତ। ଅଭିଯୁକ୍ତ ଜଣଙ୍କ ହେଲେ ମର୍କତନଗର ସିଡିଏ ସେକ୍ଟର-୭ ଅଞ୍ଚଳର ସନ୍ତୋଷ କୁମାର ସାହୁ। ଏଥିସହ ଅଭିଯୁକ୍ତଙ୍କୁ ୧୦ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି।

୨୦୧୮ ଅଗଷ୍ଟ ୧୮ ତାରିଖ ରାତିପ୍ରାୟ ୮ଟାରେ ଅଭିଯୁକ୍ତଙ୍କ ମାଆ ଶୈଳବାଳା ସାହୁ ରାତ୍ରି ଭୋଜନ ପାଇଁ ପରିବା କାଟୁଥିଲେ। ତାଙ୍କ ସ୍ୱାମୀ ମୁରଲୀଧର ଏକ ପ୍ରକୋଷ୍ଠରେ ବସି ଭଗବତ୍ ଗୀତା ପାଠ କରୁଥିଲେ। ଏହି ସମୟରେ ପୁତ୍ର ସନ୍ତୋଷ ଘର ଭିତରକୁ ପ୍ରବେଶ କରିଥିଲେ। ତାଙ୍କ ହାତରେ ଏକ କାଠ ଫାଳିଆ, ପେଟ୍ରୋଲ ବୋତଲ ଓ କପଡ଼ା ଥିଲା। କେହି କିଛି ବୁଝିବା ପୂର୍ବରୁ ବାପା ବସିଥିବା ପ୍ରକୋଷ୍ଠକୁ ଯାଇ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇ ଫେରାର ହୋଇଯାଇଥିଲେ। ଉକ୍ତ ଘର ଭିତରୁ ମୁରଲୀଧର ବାହାରି ନ ପାରି ଚିତ୍କାର କରିଥିଲେ। ଶୈଳବାଳା ଏହା ଦେଖି ନିକଟରେ ଥିବା ରାମମନ୍ଦିର କମିଟିର ସଦସ୍ୟଙ୍କୁ ଡାକିଥିଲେ। ସେମାନେ ବହୁ କଷ୍ଟରେ ନିଆଁକୁ ଆୟତ୍ତ କରିବା ସହ ଅର୍ଦ୍ଧଦଗ୍ଧ ଅବସ୍ଥାରେ ମୁରଲୀଧରଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ମର୍କତନଗରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅଗଷ୍ଟ ୨୦ରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୈଳବାଳାଙ୍କ ଅଭିଯୋଗ ଆଧାରରେ ମର୍କତନଗର ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦ୍ୱିତୀୟ ଅତିରିକ୍ତ ସେସନ୍ସ ଅଦାଲତରେ ମାମଲାର ଶୁଣାଣି ହୋଇଥିଲା। ସେସନ୍ସ ଜଜ୍ ସ୍ରୋତସ୍ୱିନୀ କର ମାମଲାର ରାୟ ପ୍ରକାଶ କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ପିପି ସୌରଭ ସାମଲ ଓ ଅତିରିକ୍ତ ପିପି ବିଶ୍ୱଜିତ୍ ବରାଳ ମାମଲା ପରିଚାଳନା କରୁଥିଲେ।

## ୨ ଦୁର୍ଘଟଣା, ଦୁଇ ଆହତ

**ଭୁବନେଶ୍ୱର, ୨୬।୬(ସୂର୍ଯ୍ୟକାନ୍ତ ବେହେରା)**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବୁଧବାର ପୃଥକ ସ୍ଥାନରେ ଦୁର୍ଘଟଣା ଘଟିଛି। ଚକେଇସିଆଣିରେ ଅପରାହ୍ନରେ ଏକ ବାଇକକୁ ପଛକୁ ବୋଲେରୋ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ବୋଲେରୋ ଚାଳକଙ୍କୁ ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ସେହିପରି ହାଇଟେକ ଛକରେ ଏକ କାର୍‌କୁ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାର୍ କ୍ଷତିଗ୍ରସ୍ତ ହୋଇଥିବାବେଳେ ଦମ୍ପତି ଓ ତାଙ୍କ ପିଲା ଅଳ୍ପକେ ବର୍ତ୍ତିଯାଇଛନ୍ତି।

## କୋଇଲା ଗାଡ଼ି ଜବତ: ୨ ଗିରଫ

**କଟକ, ୨୬।୬ (କାର୍ତ୍ତିକ ସାହୁ)**

ରେଲୱେରୁ କୋଇଲା ଚୋରି କରିବା ଘଟଣାରେ କଟକ ଆରପିଏଫ୍ ଜଗତପୁର ଥାନା ଆତୋଡ଼ା ଅଞ୍ଚଳରୁ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ଧାନବାଦ ଜିଲାର ପ୍ରସନ୍‌ଜିତ୍ କୁମାର ମଣ୍ଡଳ, ରବି କୁମାର ମଣ୍ଡଳ। ସେମାନଙ୍କ ନିକଟରୁ ଗୋଟିଏ କୋଇଲା ବୋଝେଇ ଟ୍ରକ ଓ ୪ଟି ପିକ୍‌ଅପ୍ ଭ୍ୟାନ୍ ଜବତ କରାଯାଇଛି। ଜବତ କୋଇଲାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଆର୍‌ପିଏଫ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, କୋଇଲା ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଆର୍‌ପିଏଫ୍‌କୁ ଖବର ମିଳିଥିଲା। ମଙ୍ଗଳବାର କଟକ ଆର୍‌ପିଏଫ୍ ଏବଂ ଖୋର୍ଦ୍ଧା ରୋଡ୍ ଡିଭିଜନର କ୍ରାଇମବ୍ରାଞ୍ଚ ମିଳିତ ସହଯୋଗରେ କେନ୍ଦ୍ରାପଡ଼ା କେନାଲ ରୋଡରୁ ସାଲେପୁର ମଧ୍ୟରେ ଯାଞ୍ଚ କରାଯାଇଥିଲା। ଆତୋଡ଼ା ଅଞ୍ଚଳରୁ ଏହି କୋଇଲା ଚୋରି ଗ୍ୟାଙ୍ଗର ସଦସ୍ୟ ଧରା ପଡ଼ିଥିଲେ। ଜବତ ଗାଡ଼ିଗୁଡ଼ିକରେ ୧୨ ଟନ୍ କୋଇଲା ବୋଝେଇ ହୋଇଥିବା ଯାଞ୍ଚରୁ ଜଣାପଡ଼ିଛି। ଏହି କୋଇଲା ଭଦ୍ରକ-ଧାମରା ଷ୍ଟେଶନରୁ ଚୋରି କରାଯାଇଥିଲା। ଏହାକୁ ଗାଡ଼ିରେ ବୋଝେଇ କରି ଜଗତପୁର ଅଞ୍ଚଳରେ ବିକ୍ରି କରିବାକୁ ଲୁଟେରା ଗ୍ୟାଙ୍ଗ ଆଣିଥିଲେ ବୋଲି ଆର୍‌ପିଏଫ୍ ଆଇଆଇସି ଅନିଲ ସିଂହ ସୂଚନା ଦେଇଛନ୍ତି।

## ୧୦ ବାଇକ୍ ଜବତ, ୩ ଗିରଫ

**ମଙ୍ଗୁଳି-ଜଗତପୁର, ୨୬।୬(ମାନସ ସାମଲ)**

ବାଇକ୍ ଚୋରି ଘଟଣାରେ ଜଗତପୁର ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ ମୁଣ୍ଡମାଳ ଗ୍ରାମର ରାଜେଶ କୁମାର କର ଓରଫ ବଣ୍ଟି(୨୧), ବ୍ରାହ୍ମଣସାହିର ନବ ସେଠୀ( ୨୨) ଓ ଆଠଗଡ଼ ଥାନା ଅଧୀନ ବିନ୍ଧାଣିମା ଗ୍ରାମର ଶ୍ରୀଚନ୍ଦନ ଦାସ (୨୨)। ସେମାନଙ୍କ ନିକଟରୁ ପୋଲିସ ୧୦ଟି ବାଇକ ଜବତ କରିଛି। ପୋଲିସ ସୂଚନା ମୁତାବକ, ଜଗତପୁର ଥାନା ଅଧୀନ ବହୁଗ୍ରାମର ବିଜୁ ନାୟକ ରବିବାର ପୂର୍ବାହ୍ନ ପ୍ରାୟ ୯ଟା ୨୦ ମିନିଟ୍‌ରେ ଇପିକଲ ଛକ ରାସ୍ତା ପାର୍ଶ୍ୱରେ ବାଇକ୍ ରଖିଥିଲେ। ପରେ ନିକଟରେ ଥିବା ଏଟିଏମ୍‌କୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୪୭/୨୪) ରୁଜୁ କରିଥିଲା। ପରେ ତଦନ୍ତ କରି ବିଜୁ ନାୟକଙ୍କ ବାଇକ୍ ସହିତ ଅନ୍ୟ ବାଇକ୍‌ଗୁଡିକୁ ଜବତ କରିଥିଲା।




ଜବତ୍ ଗାଡ଼ି ଓ ଗିରଫ ୩ ଅଭିଯୁକ୍ତ।

## ତାଳଦଣ୍ଡା ମୁଖ୍ୟ କେନାଲରେ ଜଳ ପ୍ରବାହକୁ ନେଇ ଅନିଶ୍ଚିତତା

- ନଦୀବନ୍ଧ ଦୁର୍ବଳ
- ପୂର୍ତ୍ତ ବିଭାଗକୁ ଚିଠି ଲେଖିଲା ଜଳ ସମ୍ପଦ ବିଭାଗ

**କଟକ ସଦର, ୨୬।୬(ସୁଶାନ୍ତ କୁମାର ଜେନା)**

ମହାନଦୀ ସାଉଥ୍ ଜଳସେଚନ ଡିଭିଜନ ଅନ୍ତର୍ଗତ ତାଳଦଣ୍ଡା ମୁଖ୍ୟ କେନାଲରେ ଜୁଲାଇ ପ୍ରଥମ ସପ୍ତାହରେ ଜଳ ପ୍ରବାହ ପାଇଁ ଜଳସମ୍ପଦ ବିଭାଗ ସମୟସୀମା ଧାର୍ଯ୍ୟ କରିଥିଲା। କିନ୍ତୁ ବିଭିନ୍ନ ସ୍ଥାନରେ ବନ୍ଧ ଦୁର୍ବଳ ଥିବାରୁ ମହାନଦୀର କଟକସ୍ଥିତ ଯୋବ୍ରା ଆନିକଟରୁ ଜଳପ୍ରବାହକୁ ନେଇ ଅନିଶ୍ଚିତତା ଦେଖାଦେଇଛି। କାରଣ ତାଳଦଣ୍ଡା ମୁଖ୍ୟ କେନାଲର ଯୋବ୍ରା-ବିରିବାଟି ମଧ୍ୟରେ ଥିବା ୧୨ କିମି ଅଂଶର ଉଭୟ ପାର୍ଶ୍ୱ ବନ୍ଧରେ ପିଚୁରାସ୍ତା କାମ ଅଦ୍ୟାବଧି ଚାଲିଛି। ଅନେକ ସ୍ଥାନରେ ରାସ୍ତା ଚଉଡ଼ା କରିବା ପାଇଁ ବନ୍ଧକୁ ତଡାଯାଇ କଂକ୍ରିଟ କାନ୍ଥ ନିର୍ମାଣ କାମ ଜାନୁଆରୀରୁ ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସରିନାହିଁ। ସେଥିପାଇଁ ଜଳସମ୍ପଦ ବିଭାଗ ମହାନଦୀ ସାଉଥ୍ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ କୁମାର ମହାନ୍ତି ସୋମବାର ପୂର୍ତ୍ତ ବିଭାଗକୁ ଚିଠି ଲେଖିଛନ୍ତି। ତାଳଦଣ୍ଡା ମୁଖ୍ୟ କେନାଲ ବନ୍ଧର ପୂର୍ବାବସ୍ଥା ଫେରାଇ ନ ଆଣିଲେ ୨୬୦୦ କ୍ୟୁସେକ୍ ଜଳ ପ୍ରବାହ ସମ୍ଭବପର ନୁହେଁ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଆନିକଟ୍‌ରୁ ପାଣି ବିରିବାଟି ଲକ୍ ପାଖରେ ପହଞ୍ଚିଲେ, ସେଥିମଧ୍ୟରୁ ୧୪୦୦ କ୍ୟୁସେକ୍ ଜଳ ମାଛଗାଁ ଓ ବାକି ୧୨୦୦ କ୍ୟୁସେକ୍ ପାଣି ତାଳଦଣ୍ଡା କେନାଲକୁ ଛଡାଯାଏ। ଏହାଛଡା ଜଳ ସମ୍ପଦ ବିଭାଗର ବିନା ଅନୁମତିରେ କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ନଂ.୧ର ଯନ୍ତ୍ରୀମାନେ ୧୨ କିମି ମୁଖ୍ୟ କେନାଲର ଡିଜାଇନ୍‌କୁ ମଧ୍ୟ ବଦଳାଇ ଦେଇଛନ୍ତି। ଯାହା ତାଳଦଣ୍ଡା ଓ ମାଛଗାଁ କେନାଲରେ ଜଳ ସଙ୍କଟ ଆଗାମୀ ଦିନରେ ଉତ୍କଟ କରିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ୫-ଟି କାମକୁ ଆଗେଇ ନେବାର ଦ୍ୱାହି ଦେଇ ପୂର୍ତ୍ତ ବିଭାଗର ଯନ୍ତ୍ରୀମାନେ ଅନ୍ୟ ବିଭାଗର ଯନ୍ତ୍ରୀଙ୍କ ସହ ପରାମର୍ଶ କରି ନ ଥିବା କୁହାଯାଉଛି। ବନ୍ଧତଡ଼ା ସ୍ଥାନରେ କାମ ସାରିବାକୁ ଅତିକମ୍‌ରେ ୨ ମାସ ସମୟ ଲାଗିବ। ବର୍ତ୍ତମାନ ପାଣି ଛଡାଗଲେ ବନ୍ଧରେ ଘାଇ ହୋଇ କଟକ ସହର ମଧ୍ୟରେ ପ୍ରବେଶ କରିବା ନିଶ୍ଚିତ। ତେଣୁ ଚଳିତ ଖରିଫ ଋତୁରେ ଧାନଚାଷ ସୁରୁଖୁରୁରେ ହୋଇପାରିବ ନାହିଁ ବୋଲି ଚାଷୀଙ୍କ ମଧ୍ୟରେ ଆଲୋଚନା ଜୋର୍ ଧରିଛି। ଏନେଇ ପୂର୍ତ୍ତ ବିଭାଗର କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ନଂ.୧ ର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ମାଝିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ତାଳଦଣ୍ଡା ମୁଖ୍ୟ କେନାଲର ବିଦ୍ୟାଧରପୁରଠାରେ ବନ୍ଧ ତାଡି କଂକ୍ରିଟ କାନ୍ଥ ନିର୍ମାଣ କରାଯାଉଛି।

